## ଦିନ ଦ୍ୱିପ୍ରହରରେ ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

● ଟଙ୍କା ସହ ଲୁଟିନେଲେ ସୁନାଗହଣା

**ବଣାଇଁ, ୭ ।୭ (ସମିସ):** ବଣାଇଁ ଅଞ୍ଚଳରେ ମାତିଛନ୍ତି ଚୋର। ଘରେ ତାଲା ପକାଇ ସମସ୍ତେ ନିଜ ନିଜ କାର୍ଯ୍ୟସ୍ଥଳକୁ ଯାଇଥିବା ବେଳେ ଏହାର ସୁଯୋଗ ନେଇ ଘରେ କଳାକନା ବୁଲାଇଛନ୍ତି ଦୁର୍ବୃତ୍ତ। ବଣାଇଁ ଥାନା କେନାଭେଟା ଗ୍ରାମରେ ଏପରି ବଡ଼ଧରଣର ଚୋରି ହୋଇଛି। କେନାଭେଟା ଗ୍ରାମ ମୁଖ୍ୟ ରାସ୍ତା କଡ଼ରେ କିଶୋର ସାହୁ ଘର କରି ରହୁଛନ୍ତି। କିଶୋର ଗାଁ ପୋଷ୍ଟ ଅଫିସରେ କାର୍ଯ୍ୟ କରୁଥିବା ବେଳେ ତାଙ୍କ ଝିଅ ବଣାଇଁରେ କାର୍ଯ୍ୟରତ ଅଛନ୍ତି। ସବୁଦିନ ଭଳି ଆଜି ମଧ୍ୟ ବାପା ଓ ଝିଅ ନିଜ କାର୍ଯ୍ୟସ୍ଥଳକୁ ଯାଇଥିବା ବେଳେ କିଶୋରଙ୍କ ସ୍ତ୍ରୀ ଘରେ ତାଲା ପକାଇ କୌଣସି କାର୍ଯ୍ୟରେ ବାହାରକୁ ଯାଇଥିଲେ। ଘରେ କେହି ନ ଥିବାର ସୁଯୋଗରେ ଦୁର୍ବୃତ୍ତମାନେ ଘର ତାଲା ଭାଙ୍ଗି ଟଙ୍କା ସହ ସୁନାଗହଣା ଲୁଟିନେଇଛନ୍ତି। ପରିବାର ଲୋକେ ଘରକୁ ଫେରିବା ପରେ ଘର ଭିତରେ ଆଲମାରୀ, ବାକ୍ସ ସବୁକିଛି ଭଙ୍ଗା ହୋଇଥିବା ଦେଖିବାକୁ ପାଇଥିଲେ। କୋଠରି ସବୁ ଖୋଲାଥିବା ବେଳେ ଆଲମିରା ତାଡ଼ି ଟଙ୍କା ଓ ଲକ୍ଷାଧିକ ଟଙ୍କାର ସୁନାଗହଣା ଚୋରି ହୋଇଥିବା ଜଣା \ପଡ଼ିଥିଲା। ଏ ନେଇ କିଶୋର ବଣାଇଁ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ମୁଖ୍ୟ ରାସ୍ତା କଡ଼ରେ ଥିବା ଘରୁ ଦିନ ଦ୍ୱିପ୍ରହରରେ ପୁଲିସକୁ ଚ୍ୟାଲେଞ୍ଜ ଦେଇ ଚୋରି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।



# ଭକ୍ତଙ୍କ ସହ ମହାପ୍ରଭୁଙ୍କ ମହାମିଳନ



ଝୀରାବନ୍ଧ ଜଗନ୍ନାଥ ମନ୍ଦିର

**ରାଉରକେଲା, ୭ ।୭ (ସମିସ)**

ସ୍ମାର୍ଟ ସିଟି ରାଉରକେଲାରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଶାନ୍ତିଶୃଙ୍ଖଳା ସହ ପାଳିତ ହୋଇଛି। ତିନି ଦିଅଁ ରଥାରୂଢ଼ ହୋଇ ଭକ୍ତଙ୍କ ଗହଣରେ ଲୀଳାଖେଳା କରି ଗୁଣ୍ଡିଚା ମନ୍ଦିରକୁ ଯାଇଛନ୍ତି। ରଥଯାତ୍ରାକୁ ନେଇ ହଜାର ହଜାର ଶ୍ରଦ୍ଧାଳୁ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଭାଇ-ଭଉଣୀଙ୍କୁ ସାଙ୍ଗରେ ଧରି କାଳିଆ ଠାକୁର ଶ୍ରୀମନ୍ଦିରରୁ ପହଣ୍ଡିରେ ଆସି ରଥାରୂଢ଼ ହେବା ପରେ ଏହି ଅପୂର୍ବ ଦୃଶ୍ୟ ଦେଖିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁ ବ୍ୟାକୁଳ ହୋଇଥିବା ଦେଖିବାକୁ ମିଳିଥିଲା। ରତ୍ନବେଦିରୁ ଜନ୍ମବେଦିକୁ ରଥରେ ବିଜେ କରିଛନ୍ତି ମହାପ୍ରଭୁ ବଳଭଦ୍ର, ଜଗନ୍ନାଥ ଓ ମା' ସୁଭଦ୍ରା। ରଥ ଉପରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି ବଡ଼ଠାକୁର। ଭକ୍ତଙ୍କ ସହ ମହାପ୍ରଭୁଙ୍କ ମହାମିଳନ ହୋଇଛି। ଏହି ଅବସରରେ ସହରର ସର୍ବପୁରାତନ ସେକ୍ଟର-୩ ଶ୍ରୀଜଗନ୍ନାଥ ମନ୍ଦିରରେ ରଥଯାତ୍ରା ପୂର୍ବରୁ ମନ୍ଦିରର ସମସ୍ତ ନୀତିକାନ୍ତି ସକାଳ ପ୍ରହରରୁ ଆରମ୍ଭ ହୋଇଥିଲା। ଭୋର୍ ୪ଟା ୧୦ରେ ନେତ୍ରୋତ୍ସବ, ୬ଟା ୪୫ରେ ଦ୍ୱାରପାଳ ପୂଜା, ୭ଟାରେ ସୂର୍ଯ୍ୟପୂଜା, ୭ଟା ୧୫ରେ ଅବକାଶ, ୮ଟା ୩୦ରେ ବାଲ୍ୟଭୋଗ, ୯ଟାରେ ରଥ ପ୍ରତିଷ୍ଠା, ୧୦ଟା ୨୦ରେ ଖେଚୁଡ଼ି ଭୋଗ, ୧୧ଟା ୧୫ରେ ବଡ଼ଧୂପ, ମଧ୍ୟାହ୍ନ ୧୨ଟାରେ ଠାକୁରଙ୍କ ସେନାପଟା ଓ କଠଉ ଲାଗି, ଅପରାହ୍ନ ୧ଟା ୪୦ରେ ପହଣ୍ଡି, ୩ଟା ୧୫ରେ ଛେରାପହଁରା ହେବା ସହ ୩ଟା ୩୦ରେ ରଥଟଣା ଆରମ୍ଭ ହୋଇଥିଲା। ରିଂରୋଡ୍ ଦେଇ ତିନି ରଥ ଯାଇ ସେକ୍ଟର-୫ ଗୁଣ୍ଡିଚା ମନ୍ଦିରରେ ପହଞ୍ଚିଥିଲା। ପୁଲିସ ପ୍ରଶାସନ ପକ୍ଷରୁ ଟ୍ରାଫିକ ବ୍ୟବସ୍ଥାକୁ ଅଧିକ ଗୁରୁତ୍ୱ ଦିଆଯାଇଥିଲା।



ଝୀରାବନ୍ଧ ଜଗନ୍ନାଥ ମନ୍ଦିର

ରଥଟଣା ସମୟରେ ଭାରୀଯାନ ଓ ଯାତ୍ରୀବାହୀ ଗାଡ଼ି ଗୁଡ଼ିକର ରୁଟ୍ ପରିବର୍ତ୍ତନ କରାଯାଇଥିଲା। ସେହିପରି ରଥଟଣା ସମୟରେ ଭକ୍ତଙ୍କ ପ୍ରବଳ ଭିଡ଼କୁ ଦୃଷ୍ଟିରେ ରଖି ସାଦା ପୋଷାକରେ ପୁଲିସ୍ କର୍ମଚାରୀ ମୁତୟନ କରାଯାଇଥିଲା। ମନ୍ଦିର ପରିଚାଳନା ଟ୍ରଷ୍ଟ, ରାଉରକେଲା ଇସ୍ପାତ କାରଖାନା (ଆରଏସ୍‌ପି), ରାଉରକେଲା ମହାନଗର ନିଗମ (ଆରଏମ୍‌ସି) ଏବଂ ପୁଲିସ୍ ପ୍ରଶାସନ ପକ୍ଷରୁ ମିଳିତ ଭାବେ ରଥଯାତ୍ରାକୁ ଶୃଙ୍ଖଳିତ କରିବା ଲାଗି ପ୍ରସ୍ତୁତି ହୋଇଥିଲା।

ସେହିପରି ଉଦିତନଗର ଜଗନ୍ନାଥ ମନ୍ଦିରରୁ ରଥ ବାହାରି ମୁଖ୍ୟରାସ୍ତା ଦେଇ ରେଲୱେ ଷ୍ଟେସନ ସଙ୍କଟମୋଚନ ମନ୍ଦିରରେ ପହଞ୍ଚିଥିଲା। ବାସନ୍ତୀ କଲୋନୀ ଜଗନ୍ନାଥ ମନ୍ଦିରରୁ ରଥ ବାହାରି ମୁଖ୍ୟ ରାସ୍ତା ଦେଇ ମାଲଗୋଦାମ ମାଉସୀମା' ମନ୍ଦିରରେ ପହଞ୍ଚିଥିଲା। ଛେଣ୍ଡ ଦେବବିହାର ମନ୍ଦିରରୁ ରଥ ବାହାରି ମୁଖ୍ୟ ରାସ୍ତା ଦେଇ ଉମାଶଙ୍କର ପୀଠରେ ପହଞ୍ଚିଥିଲା। ଅନ୍ୟ ଅଞ୍ଚଳରେ ମଧ୍ୟ ରଥଯାତ୍ରା ପାଳିତ ହୋଇଛି। ପୁଲିସ ପକ୍ଷରୁ ଫୋର୍ସ ମୁତୟନ କରାଯାଇ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ପ୍ରାୟ ୧୫ ପ୍ଲାଟୁନ୍ ଫୋର୍ସ ସମେତ ଇନ୍ସପେକ୍ଟର, ଏସ୍‌ଆଇ ଓ ଏଏସ୍‌ଆଇ ପାହ୍ୟାର ଅଫିସର ସୁରକ୍ଷା ଦାୟିତ୍ୱରେ ରହିଥିଲେ। ଛିନ୍‌ତାଇ ଲୁଟେରା ଓ ପକେଟମାରଙ୍କ ଉପରେ ପୁଲିସର ଅଧିକ ଫୋକସ୍ ରହିଥିଲା।



ହନୁମାନ ବାଟିକା ଜଗନ୍ନାଥ ମନ୍ଦିର



ପ୍ଲାଣ୍ଟସାଇଟ୍ ଜଗନ୍ନାଥ ମନ୍ଦିର

**କାଳିଆ ଭଜନରେ ପ୍ରକମ୍ପିତ ହେଲା ସହର**



ଉଦିତନଗର ଜଗନ୍ନାଥ ମନ୍ଦିର

## ବଣାଇଁର ବିଭିନ୍ନ ସ୍ଥାନରେ ରଥ ଟାଣିଲେ ଶ୍ରଦ୍ଧାଳୁ

**ବଣାଇଁ, ୭ ।୭ (ସମିସ):** ଜଗତରନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ବଣାଇଁ ସହର ସମେତ ଅଞ୍ଚଳର ବିଭିନ୍ନ ସ୍ଥାନରେ ପାଳିତ ହୋଇଛି। ବଣାଇଁ ରାଜନଅର ସମ୍ମୁଖରେ ଥିବା ଜଗନ୍ନାଥ ମନ୍ଦିରରେ ତିନି ଠାକୁରଙ୍କ ମଙ୍ଗଳ ଆଳତି, ସୂର୍ଯ୍ୟପୂଜା ସହିତ ନୀତିକାନ୍ତି ପରେ ପହଣ୍ଡି ବିଜେ କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା। ବଣାଇଁ ରାଜପୁତ୍ର ଦିଗବିଜୟ ସିଂ ଇନ୍ଦ୍ର ଦେଓଦେବ ରଥରେ ଛେରାପହଁରା କରିବା ପରେ ଅପରାହ୍ନ ୪ଟାରେ ରଥଛକ ନିକଟରୁ ରଥଟଣା ଆରମ୍ଭ ହୋଇଥିଲା। ତିନି ଠାକୁରଙ୍କ ରଥ ନିର୍ଦ୍ଧାରିତ ସମୟରେ ଗୁଣ୍ଡିଚା ମନ୍ଦିରରେ ପହଞ୍ଚିଥିଲା। ରଥ ଉପରେ ଶ୍ରୀଜିଉଙ୍କୁ ଦର୍ଶନ କରିବା ନିମନ୍ତେ ବଣାଇଁରେ ପ୍ରବଳ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। କେନ୍ଦ୍ରମନ୍ତ୍ରୀ ଜୁଏଲ୍ ଓରାମ ଓ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଯୋଗଦେଇ ବଣାଇଁ ଜନସାଧାରଣଙ୍କ ସହ ଉତ୍ସାହ ସହକାରେ ରଥ ଟାଣିଥିଲେ।

ଉପଜିଲ୍ଲାପାଳ ସୁରଞ୍ଜନ କୁମାର ସାହୁ, ତହସିଲଦାର ଅଶୋକ କୁମାର ଗର୍ତିଆ ଉପସ୍ଥିତ ରହି ସମସ୍ତ କାର୍ଯ୍ୟର ପରିଚାଳନା କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ଓ ଟ୍ରାଫିକ ନିୟନ୍ତ୍ରଣ ପାଇଁ ବଣାଇଁ ଥାନା ଅଧିକାରୀ ଜ୍ଞାନେନ୍ଦ୍ର କୁମାର ସାହୁଙ୍କ ନେତୃତ୍ୱରେ ପୁଲିସ ଅଧିକାରୀଙ୍କ ସହ ୧ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ। ବଣାଇଁ ହନୁମାନ ମନ୍ଦିର କମିଟି ପକ୍ଷରୁ ୬୦ରୁ ଉର୍ଦ୍ଧ୍ୱ ଏବଂ ବଜରଙ୍ଗ ଦଳର ୩୦ ସ୍ୱେଚ୍ଛାସେବୀ ରଥ ଚତୁଃପାର୍ଶ୍ୱରେ ସୁରକ୍ଷା ଦାୟିତ୍ୱ ସମ୍ପାଦନ କରିଥିଲେ। ସେହିପରି ବଣାଇଁ ଆଖପାଖ ଅଞ୍ଚଳ କୁଳିପୋଷ, ଦେବଭୂମି ଗୋଗୁଆ, ରୁଗୁଡ଼ା, ଜକେଇକଳା ଆଦି ବିଭିନ୍ନ ସ୍ଥାନରେ ମହାପ୍ରଭୁଙ୍କ ରଥଯାତ୍ରା ପାଳିତ ହୋଇଛି



## ଇସ୍ପାତ ସହରାଞ୍ଚଳ ଓ ବନ୍ଧମୁଣ୍ଡା ଅଞ୍ଚଳର ସମସ୍ୟା ନେଇ ଜନଶୁଣାଣି



**ରାଉଲକେଲା, ୭ ।୭ (ସମିସ):** ରାଉଲକେଲା ପୌରପାଳିକା ସମ୍ମିଳନୀ କକ୍ଷରେ ରଘୁନାଥପଲ୍ଲୀ କ୍ଷେତ୍ର ଅନ୍ତର୍ଗତ ଇସ୍ପାତ ସହରାଞ୍ଚଳ ଓ ବନ୍ଧମୁଣ୍ଡାରେ ଥିବା ବିଭିନ୍ନ ବସ୍ତିର ବିଦ୍ୟୁତ୍ ସେବା, ପାନୀୟ ଜଳ, ବର୍ଜ୍ୟ ଜଳ ନିଷ୍କାସନ ଆଦି ମୌଳିକ ସମସ୍ୟା ନେଇ ରବିବାର ଜନଶୁଣାଣି ଅନୁଷ୍ଠିତ ହୋଇଥିଲା। ରଘୁନାଥପଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀଙ୍କ ଆଗ୍ରହ କ୍ରମେ ରାଉଲକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ କମିଶନର ଆଶୁତୋଷ କୁଲକର୍ଣ୍ଣି ଏହି ବୈଠକ ଡକାଇଥିଲେ। ବୈଠକରେ ଇସ୍ପାତ କାରଖାନାର ମୁଖ୍ୟ ମହାପ୍ରବନ୍ଧକ ପିକେ ସ୍ୱାଇଁ ଓ ମହାପ୍ରବନ୍ଧକ ବିକେ ଯୋଯୋଙ୍କ ସହ ଟାଟା ପାୱାର ଓ ୱାଟକୋର ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଧାୟକଙ୍କ ଉପସ୍ଥିତିରେ ସମସ୍ୟାର ସମାଧାନ ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ୨୦୦ରୁ ଉର୍ଦ୍ଧ୍ୱ ବସ୍ତିବାସିନ୍ଦାଙ୍କ ପ୍ରତିନିଧି ଯୋଗଦେଇ ସେମାନଙ୍କ ସମସ୍ୟା ଉପସ୍ଥାପନ କରିଥିଲେ। ବିଦ୍ୟୁତ ସଂଯୋଗ, ଶୁଦ୍ଧ ପାନୀୟ ଜଳ ଯୋଗାଣ, ବସ୍ତିରେ ବାହାରୁଥିବା ବର୍ଜ୍ୟ ଜଳ ନିଷ୍କାସନ ଉପରେ ବସ୍ତିବାସିନ୍ଦାମାନେ ନିଜ ସମସ୍ୟା ଉଠାଇଥିଲେ। ବର୍ଜ୍ୟ ଜଳ ନିଷ୍କାସନ ପାଇଁ କେତକ ବସ୍ତିରେ ନାଳ ନିର୍ମାଣ ଆବଶ୍ୟକତା ରହିଛି। ଆଉ କେତେ ଜାଗାରେ ନିର୍ମିତ ନାଳର ପୁନରୁଦ୍ଧାର ଆବଶ୍ୟକତା ରହିଥିବା କହିଥିଲେ। ସମସ୍ତ ଅଭିଯୋଗର ତଦନ୍ତ କରାଯାଇ ସମାଧାନ କରିବେ ବୋଲି ଇସ୍ପାତ କାରଖାନା ଅଧିକାରୀ, ଟାଟା ପାୱାର ଓ ୱାଟକୋ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ। ଆଗକୁ ଏଭଳି ଜନଶୁଣାଣି ଇସ୍ପାତ ସହରାଞ୍ଚଳରେ କରିବା ପାଇଁ ବିଧାୟକ ତନ୍ତୀ ଇସ୍ପାତ କାରଖାନା ଅଧୀକାରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ଜନଶୁଣାଣି ପ୍ରଥମଥର ଅନୁଷ୍ଠିତ ହୋଇଥିଲା ଓ ଏହା ଆଗକୁ ଜାରି ରହିବ ବୋଲି ବିଧାୟକ ପ୍ରକାଶ କରିଥିଲେ।



## ତାମିଲନାଡୁରେ ଯୁବତୀଙ୍କ ମୃତ୍ୟୁ

● ମୃତଦେହ ଆଣିବାକୁ ବାପାଙ୍କ ଗୁହାରି

**ରାଜଗାଙ୍ଗପୁର, ୭ ।୭ (ସମିସ):** ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ବ୍ଲକ ମାଳିଡିହି ପଞ୍ଚାୟତ ଭଗତଟୋଲାର ଜଣେ ଯୁବତୀ କାମ କରିବାକୁ ତାମିଲନାଡୁ ଯାଇଥିବାବେଳେ ସେଠାରେ ତାଙ୍କ ମୃତ୍ୟୁ ହୋଇଛି। ମୃତ ଯୁବତୀ ହେଲେ ଭଗତଟୋଲା ଗ୍ରାମର ରାଜେଶ ଏକ୍କାଙ୍କ ଝିଅ ସବିତା ଏକ୍କା (୨୧)। ଝିଅର ମୃତଦେହ ଫେରାଇ ଆଣିବାକୁ ଅସହାୟ ରାଜେଶ ଗୁହାରି କରିଛନ୍ତି।



ସବିତା ସିଲେଇ ଶିକ୍ଷା ପରେ ତାମିଲନାଡୁ ତ୍ରିପୁର ଜିଲ୍ଲାର ଏକ ଘରୋଇ କମ୍ପାନୀରେ କାମ କରିବାକୁ ଯାଇଥିଲେ। ଦୁଇଦିନ ତଳେ କମ୍ପାନୀ ପରିସରେରେ ରହୁଥିବା ସ୍ଥାନରେ ତାଙ୍କ ମୃତ୍ୟୁ ଘଟିଥିବା ନେଇ ପରିବାର ଲୋକେ ଖବର ପାଇଥିଲେ। ଅଚାନକ ଝିଅର ମୃତ୍ୟୁ ଖବର ଶୁଣି ପରିବାର ଲୋକ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ପରିବାରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବା ବେଳେ ଏବେ ସେମାନଙ୍କ ଚିନ୍ତା, ଝିଅର ମୃତଦେହ କିପରି ଘରକୁ ଫେରିବ। ରବିବାର ସବିତାଙ୍କ ବାପା ରାଜଗାଙ୍ଗପୁର ଥାନାରେ ପହଞ୍ଚି ଝିଅର ମୃତଦେହ ବ୍ୟବଚ୍ଛେଦ କରିବା ସହ ଫେରାଇ ଆଣିବାକୁ ରାଜ୍ୟ ତଥା ଜିଲ୍ଲା ପ୍ରଶାସନ ସହଯୋଗ କରିବା ପାଇଁ ଗୁହାରି ଜଣାଇଛନ୍ତି।

## ଗୋପବନ୍ଧୁ ପାଠାଗାରରେ ଉତ୍କଳମଣିଙ୍କ ଶ୍ରାଦ୍ଧ ଦିବସ ପାଳିତ

**ରାଉରକେଲା, ୭ ।୭ (ସମିସ):** ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୬ତମ ଶ୍ରାଦ୍ଧ ଉତ୍ସବ ଗୋପବନ୍ଧୁ ପାଠାଗାରର ସତ୍ୟବାଦୀ କକ୍ଷରେ ପାଳିତ ହୋଇଛି। କବି ରାଜୀବ ପାଣିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ରାଉରକେଲାର ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟଅତିଥି ଭାବରେ ଯୋଗଦେଇ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ହାଇଟେକ୍ ମେଡିକାଲ୍ କଲେଜର ଅଧୀକ୍ଷକ ଡା. ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର ଯୋଗଦେଇ ଗୋପବନ୍ଧୁଙ୍କ କଳ୍ପିତ ଶାସନଧାରା ଏବଂ ଆଜିର ବାସ୍ତବତା ଶୀର୍ଷକ ବକ୍ତବ୍ୟରେ ଗୋପବନ୍ଧୁ ଦାସଙ୍କ ତ୍ୟାଗ, ନିଷ୍ଠା ଓ ନୈତିକତାର ଉଦାହରଣ ଦେଇ ଆଜିର ରାଜନେତାମାନେ ତାଙ୍କୁ ଆଦର୍ଶ ରୂପେ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ।

ଏହି ଅବସରରେ ମୁଖ୍ୟଅତିଥି ନାୟକଙ୍କୁ ଗୋପବନ୍ଧୁ ପାଠାଗାର ସହ ଛେଣ୍ଡ କଲୋନୀର ବିଭିନ୍ନ ସାମାଜିକ-ସାଂସ୍କୃତିକ ଅନୁଷ୍ଠାନ, ରାଉରକେଲା ଅବସରପ୍ରାପ୍ତ କର୍ମଚାରୀ ସଂଘ, ରୋଟାରୀ କ୍ଲବ ରିଭରସାଇଡ୍, ଉତ୍କଳ ସ୍ନେହୀ ମହିଳା ସମିତି, ସ୍ୱସ୍ତି ସାହିତ୍ୟ ସଂସଦ, ଇନରହୁଇଲ କ୍ଲବ୍, ବସୁଧୈବ କୁଟୁମ୍ବକମ୍ ଏବଂ ଭୁବନେଶ୍ୱରୀ ମନ୍ଦିର କମିଟି ପ୍ରଭୃତି ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନା ଉତ୍ତରରେ ନାୟକ ଗୋପବନ୍ଧୁ ପାଠାଗାର ଦ୍ୱାରା ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପାଇଁ କୃତଜ୍ଞତା ଜଣାଇବା ସହ ସାମ୍ପ୍ରତିକ ଶାସନର ବାସ୍ତବତା ସମ୍ପର୍କରେ ଆଲୋଚନା କରି ଅଭିଜ୍ଞତା ବର୍ଣ୍ଣନା କରିଥିଲେ।

ସାଧାରଣ ସମ୍ପାଦକ ହରିହର ଶତପଥୀ ସ୍ୱାଗତ ଭାଷଣ ଦେଇଥିବାବେଳେ କୋଷାଧ୍ୟକ୍ଷ ଲକ୍ଷ୍ମଣନାଥ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ରାଜକୁମାର ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ସୁଶାନ୍ତ କୁମାର ଦାସ, ଗିରିଜା ଶଙ୍କର ଗୋସ୍ୱାମୀ, ପ୍ରୀତି କୁମାରୀ ସାହୁ, ସ୍ନିଗ୍ଧା ସାମନ୍ତରାୟ, ହରିହର ନାୟକ, ରବୀନ୍ଦ୍ର କୁମାର ସରାଫ, କୈଳାସ ଚନ୍ଦ୍ର ସାମଲ, ବିଶ୍ୱନାଥ ଜେନା ପ୍ରମୁଖ ସହାୟତା କରିଥିଲେ। ପାଠାଗାର ସଦସ୍ୟସଦସ୍ୟାଙ୍କ ସହ ସହରର ବିଭିନ୍ନ ସାହିତ୍ୟ-ସଂସ୍କୃତି ଅନୁଷ୍ଠାନର ପ୍ରତିନିଧି, ବୁଦ୍ଧିଜୀବୀ ସୁବାସ ଚନ୍ଦ୍ର ମହାପାତ୍ର, ଡ. ଶକ୍ତି ପ୍ରସାଦ ସାମନ୍ତରାୟ, ଆନନ୍ଦ ଚନ୍ଦ୍ର ମହାନ୍ତି, ରଶ୍ମିବାଳା ମିଶ୍ର, ଭଗବାନ ପାଢ଼ୀ, ଅଜିତା ମହାନ୍ତି, ପ୍ରତିମା ମହାପାତ୍ର, ଅନୀଲ କୁମାର ଦାଶ, ଅକ୍ଷୟ ଜେନା କିଶୋରୀ ମୋହନ କର, ଗଦାଧର ରଥ, ଗୋପାଳ ପ୍ରସାଦ ଜେନା, ହରିଶ୍ଚନ୍ଦ୍ର ଭୂମିଜ, ତ୍ରିଲୋଚନ ମିଶ୍ର, ରବୀନ୍ଦ୍ର ସାହୁ, ଦେବରାଜ ଗଉଡ଼, ରାଧାମୋହନ ନାୟକ, ଅରବିନ୍ଦ ପାତ୍ର, ଶରତ ଚନ୍ଦ୍ର ମହାନ୍ତି, ବୈରାଗୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



**୧୨.୫ ଲକ୍ଷର ବିଏସ ଫ୍ରିଜ୍ ଚୋରି: ସନ୍ଦିଗ୍ଧଙ୍କୁ କ୍ଲିନ୍ ଚିଟ୍**

# ଜାମିନରେ ଆସି ପୁନଃ କାର୍ଯ୍ୟରେ ଯୋଗଦେବା ପାଇଁ ମସୁଧା

**ରାଉରକେଲା, ୭ ।୭ (ସମିସ)**

ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍) ମର୍ଗ ହାଉସରୁ ଅନ୍ୟୂନ ୧୨.୫ ଲକ୍ଷ ଟଙ୍କାର ବିଏସ ଫ୍ରିଜ ଚାମ୍ବର ଚୋରି ଘଟଣାର ସନ୍ଦିଗ୍ଧ ହସ୍ପିଟାଲ ମ୍ୟାନେଜରଙ୍କୁ କ୍ଲିନ ଚିଟ୍ ମିଳିଛି। ଆରଜିଏଚ ନିର୍ଦ୍ଦେଶକଙ୍କ ପକ୍ଷରୁ ଥାନାରେ ଏତାଲା ପରେ ହଠାତ ଅନ୍ତର୍ଦ୍ଧାନ ହୋଇଯାଇଥିବା ହସ୍ପିଟାଲ ମ୍ୟାନେଜର ହାଇକୋର୍ଟରୁ ଜାମିନରେ ଆସି ପୁନର୍ବାର ଆରଜିଏଚରେ ସମାନ ପଦବୀରେ ରହିବା ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଥିବା ଘଟଣା ଏବେ ସହରବ୍ୟାପୀ ଚର୍ଚ୍ଚା ଜୋର୍ ଧରିଛି। ତାଙ୍କୁ ପୁନଃ ଆରଜିଏଚ ଭିତରକୁ ପୂରାଇ ନ ଦେବାକୁ ଆରଜିଏଚ ନିର୍ଦ୍ଦେଶକ ରୋକଠୋକ ମନା କରିଦେବା ପରେ ସେ ଏବେ ବିଭାଗୀୟ ଅଧିକାରୀମାନଙ୍କୁ ଧରାଧରି କରି ତାଙ୍କ ପଦବୀକୁ ଫେରିପାଇବା ପାଇଁ ସବୁ ବଳ ଲଗାଇ ଦେଇଥିବା ସୂଚନା ମିଳିଛି। ଆର୍‌ଜିଏଚ୍ ମର୍ଗ ହାଉସରୁ ୨ଟି ବିଏସ୍ ଫ୍ରିଜ ଚାମ୍ବର ଚୋରି ହୋଇଥିବା କର୍ତ୍ତୃପକ୍ଷଙ୍କ ନଜରକୁ ଆସିବା ପରେ ଗତ ଜୁନ ୨୧ ତାରିଖ ନିର୍ଦ୍ଦେଶକ ଡା. ଗଣେଶ ପ୍ରସାଦ ଦାସ ହସ୍ପିଟାଲ ମ୍ୟାନେଜର ମୋହିତ କୁମାର ଶ୍ରୀବାସ୍ତବଙ୍କୁ ଏହି ମୂଲ୍ୟବାନ ସାମଗ୍ରୀ କୁଆଡ଼େ ଗଲା ବୋଲି ପଚାରିଥିଲେ। ଉକ୍ତ ୨ଟି ଚାମ୍ବର ଯୋଗାଇଥିବା ମୁମ୍ବଇର ରାମଦେବ ଏଜେନ୍ସିର ଜଣେ ପ୍ରତିନିଧି ଏହି ଚାମ୍ବର ଦ୍ୱୟକୁ ନେଇଯାଇଥିବା ହସ୍ପିଟାଲ ମ୍ୟାନେଜର ଶ୍ରୀବାସ୍ତବ ନିର୍ଦ୍ଦେଶକଙ୍କୁ କହିଥିଲେ। ତେବେ ଯଦି ହସ୍ପିଟାଲ ମ୍ୟାନେଜର ଶ୍ରୀବାସ୍ତବ ଏ ବିଷୟରେ ଜାଣିଥିଲେ, ତେବେ ସେ କାହିଁକି ନିର୍ଦ୍ଦେଶକଙ୍କ ଦୃଷ୍ଟିକୁ ଆଣି ନ ଥିଲେ ବୋଲି ପ୍ରଶ୍ନ କରି ନିର୍ଦ୍ଦେଶକ ଏହାକୁ ଏକ ଚୋରି ଘଟଣା ବୋଲି ଅଭିହିତ କରି ରଘୁନାଥପାଲୀ ଥାନାରେ ଜୁନ ୨୨ ତାରିଖ ଲିଖିତ ଅଭିଯୋଗ କରିଥିଲେ। ଚୋରି ହୋଇଥିବା ଏହି ଦୁଇ ଫ୍ରିଜ ଚାମ୍ବରର ମୂଲ୍ୟ ଅନ୍ୟୂନ ୧୨ ଲକ୍ଷ ୫୦ ହଜାର ଟଙ୍କା ବୋଲି ନିର୍ଦ୍ଦେଶକ ତାଙ୍କ ଏତାଲାରେ ଉଲ୍ଲେଖ କରି ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଦାବି କରିଥିଲେ।

ଏହାପରେ ହସ୍ପିଟାଲ ମ୍ୟାନେଜର ଶ୍ରୀବାସ୍ତବ ୨୩ ତାରିଖ ସକାଳେ ଆରଜିଏଚ କ୍ୟାମ୍ପସରେ ଥିବା ତାଙ୍କ ସରକାରୀ କ୍ୱାର୍ଟର୍ସରେ ତାଲା ପକାଇ ହଠାତ୍ ଫେରାର ହୋଇଯାଇଥିଲେ। ନିଜ ମୋବାଇଲ ନମ୍ବର (୭୦୦୮୧୦୨୬୭୯)କୁ ସୁଇଚ୍ ଅଫ୍ ମଧ୍ୟ କରିଦେଇଥିଲେ। ଏହି ମାମଲାରେ ଅଧିକ ପଚରାଉଚରା ତଥା ତଦନ୍ତ ପାଇଁ ଆର୍‌ଜିଏଚ୍ ନିର୍ଦ୍ଦେଶକ ଏବଂ ପୁଲିସ ଶ୍ରୀବାସ୍ତବଙ୍କ ଘରକୁ ଯିବାବେଳେ ଘର ତାଲା ପଡ଼ିଥିବା ଏବଂ ମୋବାଇଲ ଫୋନ ସୁଇଚ ଅଫ୍ ଥିବାରୁ ଶ୍ରୀବାସ୍ତବଙ୍କ ଉପରେ ତଦନ୍ତକାରୀ ଅଧିକାରୀଙ୍କ ସନ୍ଦେହ ଘନୀଭୂତ ହୋଇଥିଲା। ତେବେ ଘଟଣାର ସପ୍ତାହକ ପରେ ବି ଏହି ଚୋରି ବିଷୟରେ ପୁଲିସ କୌଣସି ସିଦ୍ଧାନ୍ତରେ ଉପନୀତ ହୋଇ ନ ପାରିବାରୁ ଆରଜିଏଚ ନିର୍ଦ୍ଦେଶକ ଡା. ଦାସ ଗତ ୨୯ ତାରିଖ ଏ ନେଇ ରାଉରକେଲା ଏସପିଙ୍କୁ ପତ୍ର ଲେଖି ଘଟଣାର ତଦନ୍ତ କରି ଦୋଷୀକୁ ସାମ୍ନାକୁ ଆଣିବାକୁ ଅନୁରୋଧ କରିଥିଲେ। ଯେହେତୁ ମୋହିତ ଶ୍ରୀବାସ୍ତବ ନିଜେ ସ୍ୱୀକାର କରିଛନ୍ତି ଯେ ମୁମ୍ବଇର ରାମଦେବ ଏଜେନ୍ସିର ପ୍ରତିନିଧି ଉକ୍ତ ଫ୍ରିଜ ଚାମ୍ବର ଦ୍ୱୟକୁ ନେଇଛନ୍ତି, ତେଣୁ ସେ ଅଭିଯୁକ୍ତ ଏଜେନ୍ସି ପ୍ରତିନିଧିଙ୍କୁ ଜାଣିଛନ୍ତି। ତେଣୁ ମୋହିତ ଶ୍ରୀବାସ୍ତବଙ୍କ ମୋବାଇଲ ଫୋନ ସିଡିଆର ବାହାର କରି ଅଭିଯୁକ୍ତଙ୍କୁ ଠାବ କରିବାକୁ ସେ ଏସପିଙ୍କୁ ଅନୁରୋଧ କରିଥିଲେ।

ମାତ୍ର ପୁଲିସ ତଦନ୍ତରେ ସ୍ଥାଣୁତା ଏବଂ ମନ୍ଥରତା ଯୋଗୁଁ ସନ୍ଦିଗ୍ଧ ମୋହିତ ଶ୍ରୀବାସ୍ତବ ଇତିମଧ୍ୟରେ ହାଇକୋର୍ଟରୁ ଜାମିନ ପାଇସାରିଛନ୍ତି। ଜାମିନ ପରେ ସେ ଆରଜିଏଚରେ ପୁନର୍ବାର ତାଙ୍କ ପଦବୀରେ ଯୋଗଦେବା ପାଇଁ ଆରଜିଏଚ ନିର୍ଦ୍ଦେଶକଙ୍କୁ ଭେଟି ଅନୁରୋଧ କରିଥିଲେ। ନିର୍ଦ୍ଦେଶକ ଡା. ଦାସ ତାଙ୍କୁ ପୁନଃ ଯୋଗଦାନ ପାଇଁ ରୋକଠୋକ ମନା କରିଦେଇଥିଲେ। ଏହି ଘଟଣା ପରେ ମୋହିତ ତାଙ୍କ ପଦବୀକୁ ଫେରିପାଇବା ପାଇଁ ଏବେ ଭୁବନେଶ୍ୱରରେ ଡେରା ପକାଇଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ଆରଜିଏଚରେ ଏବେ ଦୁର୍ନୀତି ଚରମସୀମାରେ ପହଞ୍ଚିଛି। ଆଉଟସୋର୍ସିଂ ମାଧ୍ୟମରେ ସୁରକ୍ଷା କର୍ମୀ, ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି କ୍ଷେତ୍ରରେ ବ୍ୟାପକ ଅନିୟମିତତା ହୋଇଥିବା ରଘୁନାଥପାଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ ଅଭିଯୋଗ କରି ଏହାର ତଦନ୍ତ କରିବାକୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିଛନ୍ତି।




## ସହକାରୀ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



**ରାଉରକେଲା, ୭ ।୭ (ସମିସ):** ରାଉରକେଲା ମହାନଗର ନିଗମ ଅନ୍ତର୍ଗତ ତଥା ବିଶ୍ରା ବିଇଓ କାର୍ଯ୍ୟାଳୟ ଅଧୀନ ଗଙ୍ଗାଧରପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରଶାନ୍ତ କୁମାର ସାମଲଙ୍କୁ ଶନିବାର ପୂର୍ବାହ୍ନରେ ଲେବର ଟେନାମେଣ୍ଟ ଅନ୍ତର୍ଗତ ଜେଲ୍ ରୋଡ୍‌ସ୍ଥିତ ଗୋପବନ୍ଧୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଦାୟୀ ଶିକ୍ଷକ ସାମଲଙ୍କ ସହ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ କୃପାସିନ୍ଧୁ ପତିଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଗୋଲାପୀ ସାମଲ ଉଭୟଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ସରସ୍ୱତୀ ସାହୁ, ଚାରୁଲତା ଦାସ, ଝରଣା ସାହୁ, ବିଜୟଲକ୍ଷ୍ମୀ ତ୍ରିପାଠୀ, ଅନ୍ନପୂର୍ଣ୍ଣା ମହାନ୍ତ, ସଜିତ ପଣ୍ଡାଙ୍କ ସମେତ ଛାତ୍ରଛାତ୍ରୀ, ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟସଭ୍ୟା ଓ ଅଭିଭାବକମାନେ ଉପସ୍ଥିତ ଥିଲେ। ଏମାନଙ୍କ ବ୍ୟତୀତ ଗଙ୍ଗାଧରପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଜୟନ୍ତୀ ପାଢ଼ୀ ଓ ଆରଟିଏଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ନିବେଦିତା ମହାନ୍ତ ଅନୁରୂପେ ଭାବେ ସେମାନଙ୍କ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରିଥିଲେ। ସିଆରସିସି ଦୀପକ କୁମାର ସାମଲ ମଧ୍ୟ ଏଥିରେ ଉପସ୍ଥିତ ଥିଲେ। ସାମଲ ଜଣେ ଆଦର୍ଶ ତଥା ଛାତ୍ରବତ୍ସଳ ଶିକ୍ଷକ, ଦକ୍ଷ ସଂଗଠକ, ଏବଂ ଏନଇପିଏଚ ଶିକ୍ଷକ ସଂଘର ନେତା ରୂପେ କାର୍ଯ୍ୟ କରିଥିଲେ।


ରାଉରକେଲା ଏନ୍‌ଆଇଟି ପରିସରରେ ଘୋଷଯାତ୍ରା।

# ସେକ୍ଟର-୬ ଜଗନ୍ନାଥ ମନ୍ଦିରରେ ରଥଯାତ୍ରା

**ରାଉରକେଲା, ୭ ।୭ (ସମିସ)**

ଇସ୍ପାତ ସହର ସେକ୍ଟର-୬ସ୍ଥିତ ଶ୍ରୀ ଶ୍ରୀ ପତିତପାବନଜିଉଙ୍କ 'ନନ୍ଦିଘୋଷ' ଯାତ୍ରା ମହାସମାରୋହରେ ପାଳିତ ହୋଇଛି। ଏହି ରଥଯାତ୍ରାରେ ପ୍ରଧାନ ସେବକ ପ୍ରଦୀପ କୁମାର ଧଳ ଠାକୁର ରାଜା ଭୂମିକରେ ମନ୍ଦିରର ରୀତିନୀତି ଓ ରଥରେ ଛେରାପହଁରା କରିଥିଲେ। ରଘୁନାଥପଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ ଏଥିରେ ଯୋଗଦେଇଥିଲେ। ମନ୍ଦିର ସାଧରଣ ସମ୍ପାଦକ ଦିଲୀପ କୁମାର ଦାସ ରଥ ପରିଚାଳନା କାର୍ଯ୍ୟ ତୁଲାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦେବେନ୍ଦ୍ରନାଥ ଆଚାର୍ଯ୍ୟ, ଅଶୋକ ସ୍ୱାଇଁ, ରାମମୋହନ ନାୟକ, ଜ୍ୟୋତିରଞ୍ଜନ ମିଶ୍ର, ପ୍ରଶାନ୍ତ ବାରିକ, ପ୍ରସନ୍ନ ରଥ, କୃଷ୍ଣ ତନ୍ତୀ, ଲୋକେଶ ରାଉତ, ଉତ୍ତମ ସାହୁ, ସୁବାସ ପାତ୍ର, ମନୋଜ ମିରକାପ, ଚିରଞ୍ଜୀବୀ ଦୋରା, ରବୀନ୍ଦ୍ର ରାଉତ, ଶ୍ରୀଧର ଓଝା, ଅଶୋକ ରାଉତରାୟ, ମହେନ୍ଦ୍ର କୁମ୍ଭାର, ଦୟାନିଧି ଜେନା, ତୁଳା ମହାନନ୍ଦ ପ୍ରମୁଖ ରଥଯାତ୍ରାରେ ବିଭିନ୍ନ ଦାୟିତ୍ୱ ତୁଲାଇଥିଲେ। ଭାସ୍କର ଚାଇନି, ଭବାନୀ ଶଙ୍କର ପଣ୍ଡା, ପ୍ରମୋଦ ପଣ୍ଡା, ନେପାଳ ଶତପଥୀ ପ୍ରମୁଖ ପଣ୍ଡିତ ମଣ୍ଡଳି ରଥରେ ଉପସ୍ଥିତ ରହି ପୂଜାର୍ଚ୍ଚନା କରିଥିଲେ। ରଥ ଶ୍ରୀମନ୍ଦିରରୁ ବାହାରି କେନ୍ଦ୍ରୀୟ ବିଦ୍ୟାଳୟ, ଟେଲିଫୋନ ଭବନ, ସେକ୍ଟର-୭/୧୭ ଛକ, ଯୁବୁଲି ପାର୍କ ଦେଇ ସେକ୍ଟର-୮ ମାଉସୀମା' ମନ୍ଦିରରେ ସନ୍ଧ୍ୟାରେ ପହଞ୍ଚିଥିଲା। ସେଠାରେ ଦଇତାପତି ହରେକୃଷ୍ଣ ପାଢ଼ୀ, ବ୍ରହ୍ମାନନ୍ଦ ଜୋତିଷ୍ପ, ହୃଷୀକେଶ ପ୍ରଧାନ, ଦୁଃଶାସନ ବାରିକ, ବନମାଳୀ ପଲେଇ, ଶରତ ଜେନା, ଜଗଦୀଶ ମୁନ୍ନାଙ୍କ ନେତୃତ୍ୱରେ ଠାକୁର ରାଜାଙ୍କୁ ବରଣୀ କରାଯାଇଥିଲା। ସେକ୍ଟର-୭ ଥାନା ପୁଲିସ ଶାନ୍ତିଶୃଙ୍ଖଳା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲା। ତ୍ରିନାଥ କୀର୍ତ୍ତନ ମଣ୍ଡଳୀ, ମା' ସମଲେଶ୍ୱରୀ କୀର୍ତ୍ତନ ମଣ୍ଡଳୀ ଉପସ୍ଥିତ ଥିଲେ। ସହରର ଶହଶହ ଭକ୍ତ ରଥ ଟାଣିଥିଲେ।



# ଦନ୍ତା ଆକ୍ରମଣରେ ମହିଳା ଗୁରୁତର

● ବନ ବିଭାଗର ବାରଣ ସତ୍ତ୍ୱେ ମାନୁନାହାନ୍ତି ଲୋକେ

**କୋଇଡ଼ା, ୭ ।୭ (ସମିସ):** ହାତୀଙ୍କ ଗତିବିଧିକୁ ଲକ୍ଷ୍ୟ କରି ବନବିଭାଗ ପକ୍ଷରୁ ଲୋକଙ୍କୁ ଜଙ୍ଗଲ ଭିତରକୁ ଯିବାକୁ ବାରଣ କରାଯିବା ସତ୍ତ୍ୱେ ଲୋକେ ମାନିବାକୁ ନାରାଜ। ଯେଉଁଥି ପାଇଁ ଅଧିକାଂଶ ସମୟରେ କରୁଣ ପରିଣତି ଭୋଗିବାକୁ ପଡୁଛି। କୋଇଡ଼ା ବନଖଣ୍ଡ ଅନ୍ତର୍ଗତ କାଲଟା ରେଞ୍ଜରେ ପୁଣି ଏପରି ଘଟଣା ଘଟିଛି। ରବିବାର ସକାଳେ ତୋଡ଼ା ବସ୍ତିର ରେଖା ସିଧୁ (୪୦) ଛତୁ ତୋଳିବାକୁ ଜଙ୍ଗଲକୁ ଯାଇ ଗୋଠଛଡ଼ା ଦନ୍ତା ସମ୍ମୁଖରେ ପଡ଼ିଯାଇଥିଲେ। ହାତୀ ଆକ୍ରମଣରେ ସେ ଗୁରୁତର ଆହତ ହୋଇଛନ୍ତି। ବନବିଭାଗ କର୍ମଚାରୀ ତାଙ୍କୁ ଉଦ୍ଧାର କରି ପ୍ରଥମେ କେ.ବଲାଙ୍ଗ ଡାକ୍ତରଖାନା ଓ ପରେ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ସରକାରଙ୍କ ନିୟମ ଅନୁଯାୟୀ ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରାଯିବ ବୋଲି ରେଞ୍ଜର ସୂଚନା ଦେଇଛନ୍ତି। କୋଇଡ଼ା ବନଖଣ୍ଡ କାଲଟା, ତୋଡ଼ା, ଝିରପାଣି ଅଞ୍ଚଳରେ କିଛିଦିନ ହେଲା ଏକ ଝାଡ଼ଖଣ୍ଡୀ ଦନ୍ତା ହାତୀ ଘୂରିବୁଲୁଛି। ଗୋଠ ଛଡ଼ା ଏହି ଦନ୍ତାର ଉପଦ୍ରବ ଯୋଗୁଁ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ରହୁଛନ୍ତି। କିଛିଦିନ ପୂର୍ବରୁ ଏହି ହାତୀ କାଲଟା ଓ ଝିରପାଣିରେ ୨ ଜଣଙ୍କୁ ମାରି ଅଞ୍ଚଳରେ ଆତଙ୍କ ଖେଳାଇଥିଲା। ଏହି ଘଟଣା ପରେ ହାତୀର ଗତିବିଧି ଉପରେ ବନବିଭାଗ ନଜର ରଖି ଆସୁଛି। କୋଇଡ଼ା ବନ ବିଭାଗର ହାତୀ ସ୍କ୍ୱାଡ୍ ଟିମ ହାତୀକୁ ଜଙ୍ଗଲ ମଧ୍ୟକୁ ଘଉଡ଼ାଇଥିଲେ ମଧ୍ୟ ବାରମ୍ବର ରାତି ଅନ୍ଧାରରେ ଜନବସତି ଆଡ଼କୁ ପଶି ଆସି ବହୁ କ୍ଷୟକ୍ଷତି କରୁଛି। କ୍ଷତିଗ୍ରସ୍ତ ଲୋକଙ୍କୁ ସରକାରୀ ସହାୟତା ମିଳୁଛି ସତ କିନ୍ତୁ ବାରମ୍ବାର ଧନଜୀବନ ନଷ୍ଟ କରୁଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

# ମୁସଲିମ ସମାଜ ପକ୍ଷରୁ ରଥକୁ ସ୍ୱାଗତ



**ରାଉରକେଲା, ୭ ।୭ (ସମିସ):** ରଥଯାତ୍ରା ଅବସରରେ ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ନାଳା ରୋଡ୍ ଛକରେ ମୁସଲିମ ସମାଜ ପକ୍ଷରୁ ରଥକୁ ସ୍ୱାଗତ କରାଯାଇଥିଲା। ନାଳା ରୋଡ୍ ଛକରେ ରଥ ପହଞ୍ଚିବା ପରେ ମୁସଲିମ ସମାଜ ପକ୍ଷରୁ ଭବ୍ୟ ସ୍ୱାଗତ କରାଯିବା ସହ ଶ୍ରଦ୍ଧାଳୁଙ୍କୁ ପାଣି ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଇଜାଜ୍ ଅଖତର, ମହମ୍ମଦ ଅସଦକ, ଆୟୁବ ଖାନ୍, ଏମଡି ମିକି, ଏମଡି ଇମାନ୍, ଇଜାଜ୍ ଅହମ୍ମଦ, ଏମଡି ଅବଦୁଲ୍ଲା, ଏମଡି ସମିମ୍, ଏମଡି ସରିଫ, ନସିମ ଅଖତର, ଏମଡି ଫିପୋଜ, ନଜିମ୍ ଉଦ୍ଦିନ, ମସୁକ ଖାନ୍, ଏମଡି ମଞ୍ଜୁର, ନିୟାଜ୍ ଅହମ୍ମଦ, ଶୈର୍ ହୁସେନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବିଷାକ୍ତ ଛତୁ ଖାଇ ୯ ଅସୁସ୍ଥ

**ରାଉରକେଲା, ୭ ।୭ (ସମିସ):** ବର୍ଷାଦିନେ ବିଷାକ୍ତ ଛତୁ ଖାଇ ବିଭିନ୍ନ ସମୟରେ ଲୋକ ମାନେ ଅସୁସ୍ଥ ହେଉଥିବା ବେଳେ ସଚେତନତା ଅଭାବରୁ ଲୋକେ ଏବେ ବି ବିଷାକ୍ତ ଛତୁ ଖାଇ ଅସୁସ୍ଥ ହେଉଛନ୍ତି। ଶନିବାର ରାତିରେ ବୀରମିତ୍ରପୁର ୧୧ ନମ୍ବର ୱାର୍ଡର ୯ ଜଣ ବ୍ୟକ୍ତି ବିଷାକ୍ତ ଛତୁ ଖାଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୪ ଜଣ ଶିଶୁ ଅଛନ୍ତି। ଶନିବାର ଅପରାହ୍ନରେ ଲାଖୋଟି ଅଞ୍ଚଳର ପିଲାମାନେ ଜଙ୍ଗଲକୁ ଯାଇଥିବା ବେଳେ ଛତୁ ଗୋଟାଇ ଆଣିଥିଲେ। ଏହି ଛତୁ ଖାଇବାର ଦେଢ଼ ଘଣ୍ଟା ପରେ ୯ ଜଣଙ୍କ ଝାଡ଼ାବାନ୍ତି ଆରମ୍ଭ ହୋଇଯାଇଥିଲା। ସେମାନଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏବେ ବି ସେମାନଙ୍କ ଚିକିତ୍ସା ଚାଲିଛି।









# ସ୍ଥାୟୀ ନିଯୁକ୍ତି ଦାବିରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର



**ସୁନ୍ଦରଗଡ଼, ୭ ।୭ (ସମିସ):** ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜ ଏବଂ ଡାକ୍ତରଖାନା ତଥା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ରୋଗୀ ସହାୟକମାନଙ୍କୁ ସ୍ଥାୟୀ କରିବାକୁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଓଡ଼ିଶା ମେଡିକାଲ କର୍ମଚାରୀ ସଂଘ ସୁନ୍ଦରଗଡ଼ ଶାଖା ପକ୍ଷରୁ ପ୍ରଦାନ କରାଯାଇଥିବା ଉକ୍ତ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ଯେ କୋଭିଡ ମହାମାରୀ ସମୟରୁ ଏଠାରେ ଆଉଟସୋର୍ସିଂ ଆଧାରରେ ରୋଗୀ ସହାୟକ ନିଯୁକ୍ତି ଦିଆଯାଇଛି। ତେଣୁ ତାଙ୍କୁ ଆଉଟସୋର୍ସିଂରୁ ବାଦ୍ ଦେଇ ସ୍ଥାୟୀ ନିଯୁକ୍ତି ଦିଆଯିବାକୁ ମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି।

# ବଣାଇଁ ସାମ୍ବାଦିକ ସଂଘର ସାଧାରଣ ନିର୍ବାଚନ

**ବଣାଇଁ, ୭ ।୭ (ସମିସ):** ଉତ୍କଳ ସାମ୍ବାଦିକ ସଂଘ ସୁନ୍ଦରଗଡ଼ ଜିଲ୍ଲା ଶାଖା ସହବନ୍ଧିତ ବଣାଇଁ ସାମ୍ବାଦିକ ସଂଘର ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଛି। ବଣାଇଁ ସାମ୍ବାଦିକ ଭବନ କାର୍ଯ୍ୟାଳୟରେ ବୁଧବାର ଅନୁଷ୍ଠିତ ନିର୍ବାଚନରେ ପ୍ରଦୀପ ତ୍ରିପାଠୀ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ନୂତନ ସଭାପତିଙ୍କ ଅନୁମୋଦନ କ୍ରମେ ସଂଘର ସାଧାରଣ ସମ୍ପାଦକ ଭାବେ ବିଭୂତି ଭୂଷଣ କରଙ୍କୁ ନିଯୁକ୍ତି ଦିଆଯାଇଛି। ସେହିଭଳି କୋଷାଧ୍ୟକ୍ଷ ଭାବେ ଧୀରେନ୍ଦ୍ର କୁମାର ମାହାନ୍ତ, ଉପସଭାପତି ଭାବେ କୁମାର ଗୌତମ ବାରିକ, କାର୍ଯ୍ୟାଳୟ ସମ୍ପାଦକ ଭାବେ ଜିତେନ୍ଦ୍ର ଆଚାର୍ଯ୍ୟ, ସାଙ୍ଗଠନିକ ସମ୍ପାଦକ ଭାବେ ଅଗସ୍ତି ନାଏକଙ୍କୁ ମନୋନୀତ କରାଯାଇଛି। ଉପଦେଷ୍ଟା କମିଟିରେ ସଂଘର ବରିଷ୍ଠ ସାମ୍ବାଦିକ ଦାମୋଦର ସାହୁ, ଦିଲୀପ ତ୍ରିପାଠୀ ଓ ସୁଜିତ୍ ମହାପାତ୍ର ରହିଛନ୍ତି। ଆଇନ ପରାମର୍ଶଦାତା ଭାବେ ପାର୍ଥସାରଥି ମିଶ୍ର ଏବଂ କାର୍ଯ୍ୟକାରୀ ସଦସ୍ୟ ଭାବେ ସମୀର କୁମାର ପାଢ଼ୀ, ପ୍ରଶାନ୍ତ ଦାଶ, ସନ୍ତୋଷ କୁମାର ସାହୁ, ଦାଶରଥି ପଣ୍ଡା, ହବିବ ମହମ୍ମଦ ଖାନ୍, ଝସକେତନ ମାହାନ୍ତ ପ୍ରମୁଖଙ୍କୁ ଚୟନ କରାଯାଇଥିବା ସଂଘ ପକ୍ଷରୁ କୁହାଯାଇଛି।






# ରାସ୍ତା ପାର୍ଶ୍ୱ ଖୁଣ୍ଟରେ ଧକ୍କାହେଲା ସ୍କୁଟି; ଚାଳକ ମୃତ

**ସୁନ୍ଦରଗଡ଼, ୭ ।୭ (ସମିସ):** ବଡ଼ଗାଁ ଥାନା ଅନ୍ତର୍ଗତ କୁସୁନା ନିଟକରେ ରାସ୍ତା କଡ଼ ଖୁଣ୍ଟରେ ଏକ ସ୍କୁଟି ଧକ୍କା ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ସମ୍ପୃକ୍ତ ସ୍କୁଟି ଚାଳକ ସେମେଲବାହାଲ ଗ୍ରାମର ଦୀପକ ଡନସନା (୨୨)ଙ୍କ ମୃତ୍ୟୁ ହୋଇଥିବା ବେଳେ ପଛରେ ବସିଥିବା ତ୍ରିଲୋଚନ ମାଝୀ ଗୁରୁତର ଆହତ ହୋଇଛନ୍ତି। ଶନିବାର ସନ୍ଧ୍ୟାରେ ଏମାନେ ସେମେଲବାହାଲରୁ ବେହେରା ଗ୍ରାମକୁ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଠାଇଥିଲେ। ସେଠାରେ ଦୀପକଙ୍କ ମୃତ୍ୟୁ ଘଟିଛି। ରବିବାର ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ମାମଲା ରୁଜୁ ହୋଇଛି।










■ ରାସ୍ତା ନା ମରଣଯନ୍ତା !

# ଲୋକେ ହୀନସ୍ତା, ପ୍ରଶାସନ ନିଦାବିଷ୍ଟୁ

ହରଭଙ୍ଗା, ୭।୭ (ସମିସ)

ଗ୍ରାମାଞ୍ଚଳରେ ସୁଗମ ଯାତାୟାତ ତଥା ଲୋକଙ୍କ ସୁବିଧାରେ ଚଳାଚଳ ପାଇଁ ସରକାର ପଦକ୍ଷେପ ନେଉଛନ୍ତି। ମାତ୍ର ତାହା ହରଭଙ୍ଗା ବ୍ଲକର ଉପାନ୍ତ ଅଞ୍ଚଳରେ ଫଳପ୍ରଦ ହେଉନାହିଁ। ଭଲ ରାସ୍ତା ଖଣ୍ଡିଏ ଗାଁକୁ ନାହିଁ। ବର୍ତ୍ତମାନ ବର୍ଷା ଯୋଗୁଁ ଏହି ରାସ୍ତା ସବୁ କର୍ଦ୍ଦମାକ୍ତ ହୋଇ ଶୋଚନୀୟ ଅବସ୍ଥାରେ ରହିଥିବାରୁ ଦୈନନ୍ଦିନ ଚଳାଚଳରେ ଲୋକମାନେ ହୀନସ୍ତା ହେଉଥିବା ପରିଲକ୍ଷିତ ହେଉଛି। ଏଭଳି ଅଭିଯୋଗ ଉପରେ ପ୍ରଶାସନ ପଦକ୍ଷେପ ସୁଦ୍ଧା ନେଉ ନଥିବାରୁ ଅସନ୍ତୋଷ ବୃଦ୍ଧି ପାଉଛି।

ବୌଦ୍ଧ ବ୍ଲକ ଇଚ୍ଛାପୁର ଦେଇ ଯାଇଥିବା ରାସ୍ତାକୁ ଆଖିରେ ଦେଖିଲେ ହିଁ ଜାଣିହେବ ରାସ୍ତା ନା ତାହା ମରଣଯନ୍ତା। ଦୈନିକ ଲୋକମାନେ ଏହି ରାସ୍ତା ଉପରେ ନିର୍ଭର ଥିବା ବେଳେ ଯାତାୟାତ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟି ହୀନସ୍ତା ହେବାକୁ ପଡୁଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। ବିଶେଷ କରି ଏହି ରାସ୍ତାକୁ ଲାଗି ଏକ ସିମେଣ୍ଟ ଇଟା ଫେକ୍ଟ୍ରୀ ଥିବାରୁ ଇଟା ତିଆରି ଉପକରଣ, ବାଲି, ଡଷ୍ଟ, ଇଟା ଇତ୍ୟାଦି ରାସ୍ତା ଉପରେ ଜମା କରିବା ଅନ୍ୟପଟେ ନର୍ଦ୍ଦମା ପାଣିକୁ ଡ୍ରେନ ମାଧ୍ୟମରେ ନ ଛାଡ଼ି ସିଧାସଳଖ ରାସ୍ତାରେ ଛାଡ଼ିବା ହେତୁ ରାସ୍ତାର ଅବସ୍ଥା ଆଉ ଟିକେ ଖରାପ ହେଉଥିବା କୁହାଯାଉଛି।

ସୂଚନା ଥାଉକି, ରାସ୍ତାର ଉନ୍ନତିକରଣ ପାଇଁ କିଛିଦିନ ତଳେ ଅଞ୍ଚଳବାସୀ ବିରୋଧ କରିବା ସହ ପ୍ରଶାସନକୁ ଡାକି ରାସ୍ତା ପରିଦର୍ଶନ କରାଇଥିଲେ। ଘଟଣାସ୍ଥଳରେ ତହସିଲଦାର ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ପରେ ସମ୍ପୃକ୍ତ ଇଟା ଫେକ୍ଟ୍ରୀ ମାଲିକଙ୍କୁ ରାସ୍ତା ଉପରେ ଜମା କରିଥିବା ଉପକରଣ ଖାଲି କରିବା ଏବଂ ମଇଳା ପାଣିକୁ ଏଣେତେଣେ ନଛାଡି ଡ୍ରେନ ମାଧ୍ୟମରେ ଛାଡିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଇଚ୍ଛାପୁର ଦେଇ ଯାଇଥିବା ଏହି ରାସ୍ତା ଉପରେ ସରସରା, ରାଣୀସାହି, ଗୁଦୁରାବେଣୀ, ବାଘପାଲି ଅଞ୍ଚଳର ଲୋକେ ଦୈନିକ ବିଭିନ୍ନ କାର୍ଯ୍ୟରେ ଯିବା ଆସିବା, ସ୍କୁଲ, କଲେଜ ଛାତ୍ରଛାତ୍ରୀ ମଧ୍ୟ ଯିବା ଆସିବା କରୁଛନ୍ତି। କାଦୁଅ ପଚପଚ ହୋଇ ବଡ଼ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଜିଲ୍ଲା ପ୍ରଶାସନର ଦୃଷ୍ଟି ପଡୁନାହିଁ। ବନ୍ଧାରପଥର ସମିତିସଭ୍ୟ ତରଣୀ ବାରିକଙ୍କ ସହ ନରସିଂହ ସାହୁ, ଗଙ୍ଗାଧର ପତ୍ର, ନାରାୟଣ ସାହୁ, ପ୍ରସନ ସାହୁ, ଦାଶରଥୀ ପାତ୍ର, ଭଗବାନ ସାହୁ ପ୍ରମୁଖ ରାସ୍ତା ନିର୍ମାଣ ପାଇଁ ଦାବି କରିଛନ୍ତି।

■ ରାସ୍ତାରେ ବସୁଛି ସାପ୍ତାହିକ ହାଟ

# ଯାତାୟାତ ବାଧାପ୍ରାପ୍ତ, ଯାତ୍ରୀ ହଇରାଣ

**ଜହ୍ନାପଙ୍କ, ୭।୭ (ସମିସ):** ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ନାରାୟଣନଗର ଗ୍ରାମର ସାପ୍ତାହିକ ମଙ୍ଗଳବାର ବଜାର ପୂର୍ବରୁ ଜଗତି ନିକଟସ୍ଥ ଆମ୍ବବୁରୀରେ ବସୁଥିଲା। ସ୍ଥାନାଭାବ ଯୋଗୁଁ ରାଜା ପିତାମ୍ବର ଦେବ ୧୯୩୦ରେ ନାରାୟଣନଗରକୁ ସ୍ଥାନାନ୍ତର କରିଥିଲେ। ବ୍ୟବସାୟୀଙ୍କ ପାଇଁ ୫ଟି ପିଣ୍ଡି ସହ ଛପର କରିଥିଲେ। ଏହି ବଜାର ଖୁଣ୍ଟବନ୍ଧ ପଞ୍ଚାୟତ ଅଧୀନରେ ଥିଲା। ଧୀରେ ଧୀରେ ରକ୍ଷଣାବେକ୍ଷଣ ଅଭାବରୁ ଛପର ନଷ୍ଟ ହୋଇ କେବଳ ପିଣ୍ଡିଗୁଡିକ ଥିଲା। ୨୦୦୨ରେ ନୂତନ ପଞ୍ଚାୟତ ଲକ୍ଷ୍ମୀପ୍ରସାଦ ଅଧୀନରେ ଏହା ରହିଲା। ପୂର୍ବତନ ସରପଞ୍ଚ ସ୍ୱର୍ଗତ ପିତାମ୍ବର ମେହେରଙ୍କ ଉଦ୍ୟମ ଫଳରେ ବଜାରର ପୂର୍ବ ଦିଗରେ ଥିବା ୩ଟି ପିଣ୍ଡିକୁ ଭାଙ୍ଗି ସେଠାରେ ଦୋକାନ ଗୃହ ନିର୍ମାଣ କରାଗଲା। ତେବେ ବଜାର ଏରିଆ ପର୍ଯ୍ୟାପ୍ତ ଥିଲେ ମଧ୍ୟ ଦିନକୁ ଦିନ ଜବରଦଖଲକାରୀଙ୍କ ସଂଖ୍ୟା ବଢୁଥିବାରୁ ଏହା ସଂକୁଚିତ ହେବାରେ ଲାଗିଛି।

ବର୍ତ୍ତମାନ ଜହ୍ନାପଙ୍କ-ଚାରିଶମ୍ଭୁ ମୁଖ୍ୟ ରାସ୍ତା ଉପରେ ବଜାର ବସୁଛି। ଫଳରେ ଯାତାୟାତରେ ଘୋର ଅସୁବିଧା ସୃଷ୍ଟି ହେଉଛି ଏବଂ ଯାତ୍ରୀମାନେ ହଇରାଣ ହେଉଛନ୍ତି। ନାରାୟଣନଗର ଅଞ୍ଚଳର ଏକ ପ୍ରମୁଖ ଗ୍ରାମ ଏବଂ ବ୍ୟବସାୟିକ ପେଣ୍ଠସ୍ଥଳୀ ଅଟେ। ଏହି ଗ୍ରାମ ଉପରେ ମୁଣ୍ଡାପଡ଼ା, ପଦ୍ମନପୁର, ତେଲିବନ୍ଧ, ଖୁଣ୍ଟବନ୍ଧ, ଲକ୍ଷ୍ମୀପ୍ରସାଦ ଆଦି ପଞ୍ଚାୟତର ଲୋକେ ନିର୍ଭର କରନ୍ତି। ପ୍ରତି ମଙ୍ଗଳବାର ଅପରାହ୍ନରେ ଏକ ସାପ୍ତାହିକ ବଜାର କାହିଁ କେତେ ଦିନରୁ ବସିଆସୁଛି। ବିଭିନ୍ନ ଗ୍ରାମର ଲୋକେ ଏଠାକାର ବଜାରକୁ ବିଭିନ୍ନ ଘର କରଣା ଜିନିଷ ସହ ପନିପରିବା ଆଦି କିଣାବିକା କରିବାକୁ ଆସିଥାନ୍ତି। ତେଣୁ ବଜାରରେ ବହୁତ ଭିଡ଼ ପରିଲକ୍ଷିତ ହୋଇଥାଏ। ବଜାର ନିକଟରେ ପର୍ଯ୍ୟାପ୍ତ ଜାଗା ଥିଲେ ମଧ୍ୟ ଏହା କିଛି ଅସାଧୁ ବ୍ୟକ୍ତି ଜବରଦଖଲ କରିଥିବା ଯୋଗୁଁ ବଜାରକୁ ଆସୁଥିବା ଦୋକାନୀ ଓ ବ୍ୟବସାୟୀମାନେ ବାଧ୍ୟ ହୋଇ ମୁଖ୍ୟରାସ୍ତା ଉପରେ ତାଙ୍କର ଦୋକାନ ଓ ପସରା ଖୋଲିଥାନ୍ତି। ସେମାନଙ୍କଠାରୁ ନିନିଷପତ୍ର କିଣା ବିକା କଲା ବେଳେ ଗ୍ରାହକମାନେ ସମ୍ପୂର୍ଣ୍ଣ ରାସ୍ତା ଉପରେ ରହୁଛନ୍ତି। ଅନେକ ସମୟରେ ଦୁର୍ଘଟଣା ଘଟୁଥିବା ନଜିର ମଧ୍ୟ ରହିଛି। ଜଗତି, ମାହାରସାହି, ରାମପୁର, ଚନ୍ଦ୍ରପୁର, ବାଘପାଲି ଗ୍ରାମର ଲୋକ ଜହ୍ନାପଙ୍କ ଯିବାକୁ ହେଲେ ଏହି ବଜାର ଦେଇ ଯିବାକୁ ପଡେ। ଏହାସହ ଜହ୍ନାପଙ୍କ ଶିଶୁ ମନ୍ଦିର, ହାଇସ୍କୁଲ, ମହାବିଦ୍ୟାଳୟ, ଡାକ୍ତରଖାନା, ପ୍ରାଣୀ ସହାୟକ କେନ୍ଦ୍ରକୁ ଯିବା ପାଇଁ ଛାତ୍ରଛାତ୍ରୀ ଓ ଲୋକମାନେ ଏହି ରାସ୍ତା ଉପରେ ନିର୍ଭର କରନ୍ତି। ପଞ୍ଚାୟତ କାର୍ଯ୍ୟାଳୟ ଥିବାରୁ ବଜାର ଭିତରେ ଯିବାକୁ ପଡ଼ିଥାଏ। ରାସ୍ତା ଉପରେ ବଜାର ବସୁଥିବାରୁ ବିଭିନ୍ନ ବର୍ଗର ଲୋକ ଯାତାୟାତରେ ହଇରାଣ ହୋଇଥାନ୍ତି। ବ୍ୟବସାୟୀଙ୍କ ବସିବା ପାଇଁ ପିଣ୍ଡି ନଥିବାରୁ ବର୍ଷା ହେଲେ କାଦୁଅରେ ବସିବାକୁ ପଡୁଛି। ବଜାରର ସମସ୍ୟାକୁ ଦେଖି ବ୍ୟବସାୟୀଙ୍କ ପାଇଁ ଆବଶ୍ୟକ ପିଣ୍ଡି କରିବା ସହ ଜବର ଦଖଲ କରିଥିବା ବ୍ୟକ୍ତିଙ୍କୁ ହଟାଇବା ସହ ଦୋକାନଗୃହ ନିର୍ମାଣ କଲେ କିଛି ବେକାର ଯୁବକ ବ୍ୟବସାୟ କରି ନିଜ ଆର୍ଥିକ ସ୍ଥିତି ସୁଦୃଢ ହୋଇ ପାରନ୍ତା।

## ବ୍ଲକସ୍ତରୀୟ ହାଇସ୍କୁଲ ପ୍ରଧାନଶିକ୍ଷକଙ୍କ ସମୀକ୍ଷା

**ବୌଦ୍ଧ, ୭।୭ (ସମିସ):** ବୌଦ୍ଧ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ହାଇସ୍କୁଲ ପ୍ରଧାନଶିକ୍ଷକଙ୍କ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉପେନ୍ଦ୍ର ପ୍ରଧାନ, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ କମଳାକାନ୍ତ ଦଳ ବେହେରା ପ୍ରମୁଖ ହାଇସ୍କୁଲଗୁଡିକର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ବୌଦ୍ଧ ବ୍ଲକ ଓ ବୌଦ୍ଧ ଏନଏସର ସମସ୍ତ ସରକାରୀ ହାଇସ୍କୁଲର ପ୍ରଧାନଶିକ୍ଷକମାନେ ଉପସ୍ଥିତ ଥିବା ବେଳେ ଶିକ୍ଷାଦାନ, ମଧ୍ୟାହ୍ନ ଭୋଜନ, ନାମଲେଖା ଆଦି ଅନ୍ୟାନ୍ୟ ବିଷୟଗୁଡିକ ସମ୍ପର୍କରେ ସମୀକ୍ଷା ହୋଇଥିଲା। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାମଲ ବୈଠକ ଆୟୋଜନରେ ସହଯୋଗ କରିଥିଲେ।

## ଟିଟିଲାଗଡ଼ରେ ପନିପରିବା ଦର ଆକାଶଛୁଆଁ



**ଟିଟିଲାଗଡ଼, ୭।୭ (ସମିସ):** ଟିଟିଲାଗଡ଼ ଅଞ୍ଚଳରେ ପନିପରିବା ଦର ଆକାଶଛୁଆଁ ହୋଇଛି। ପାତଲଘଣ୍ଟା ଶହେ ଟଙ୍କା ଛୁଇଁଥିବା ବେଳେ ପିଆଜ ଓ ଆଳୁ ୫୦ ଟଙ୍କା ଛୁଇଁଛି। ପରିବା ଦର ସାଧାରଣ ପରିବାରଙ୍କ ପାଇଁ ଅପହଞ୍ଚ ହୋଇପଡ଼ିଛି। ଅନ୍ୟ ବିଭିନ୍ନ ସବୁଜ ପରିବା ଦର କଥା ନ କହିଲେ ଭଲ। ମଧ୍ୟବିତ୍ତ ତଥା ସାଧାରଣ ପରିବାର ତାହା କ୍ରୟ କରିବାକୁ ଚିନ୍ତା କରିବା ମଧ୍ୟ ଅମୂଳକ ହୋଇଛି। ଟିଟିଲାଗଡ଼ ଅଞ୍ଚଳରେ ଏହା ନୁହେଁ ଯେ ପରିବା ଉତ୍ପାଦନ ଯଥେଷ୍ଟ ନାହିଁ। ତେବେ କୌଣସି ଶୀତଳଭଣ୍ଡାର ନଥିବାରୁ ଉତ୍ପାଦନ ସମୟରେ ଶାଗମାଛ ଦରରେ ବିକ୍ରି କରିବା ସହ ଚାଷୀ ପରିବା ବାଡ଼ିରେ ଗାଇ ମଡ଼େଇବାକୁ ବାଧ୍ୟ ହେଉଛନ୍ତି। ଏଠାରେ ୮ କୋଟି ଟଙ୍କାର ଶୀତଳଭଣ୍ଡାର ନିର୍ମାଣ ପରଠୁ ଅଚଳ ହୋଇ ପଡ଼ିଛି।

ସୋସିଆଲ ମିଡିଆରେ 'ଓଡ଼ିଶା ଏକ୍ସପ୍ଲୋରର'

## ଭାଇରାଲ୍ ହେଉଛି ଓଡ଼ିଶାର ପର୍ଯ୍ୟଟନ, କଳା ଓ ସଂସ୍କୃତି





**ଭବାନୀପାଟଣା, ୭।୭ (ସମିସ):** ଓଡ଼ିଶା କେତେବେଳେ କଳିଙ୍ଗ ତ କେତେବେଳେ ଉତ୍କଳ। ଏହି ପ୍ରାଚୀନ କଳିଙ୍ଗ ବିଭିନ୍ନ ସମୟରେ ଦେଖିଛି କେତେ ବିଭୀଷିକା ତଥା କେତେ ବିକାଶ ଓ ଉନ୍ନତି। ଓଡ଼ିଶାର ବନରାଜି, ପାହାଡ଼, ଝରଣା ଯେତେ ମନୋରମ ତା'ର ସଂସ୍କୃତି, କଳା, ଶିଳ୍ପୀ, ଐତିହ୍ୟ ତଥା କାରିଗରୀ ସେତେ ମାଧୁର୍ଯ୍ୟ। ଏହି ସବୁକୁ ଚିତ୍ରୋତ୍ତଳନ ଏବଂ ସୋସିଆଲ ମିଡିଆ ମାଧ୍ୟମରେ ଅପଲୋଡ କରି ଚର୍ଚ୍ଚା ସାଉଁଟିଛନ୍ତି କଳାହାଣ୍ଡି ଜିଲ୍ଲା ଭବାନୀପାଟଣାର ଶିବଶକ୍ତି ପୁରୋହିତ। ବିଶ୍ୱର ସର୍ବବୃହତ୍ ସୋସିଆଲ ମିଡିଆ ପ୍ଲାଟଫର୍ମ ମେଟା ଦ୍ୱାରା ପରିଚାଳିତ ଇନ୍‌ଷ୍ଟାଗ୍ରାମ ଓ ୟୁଟ୍ୟୁବ ମାଧ୍ୟମରେ ଓଡ଼ିଶାର ପର୍ଯ୍ୟଟନ, କଳା, ସଂସ୍କୃତି, ଖାଦ୍ୟପେୟ, ପୋଷାକ, ପର୍ବପର୍ବାଣୀ ଆଦିକୁ ଦେଶ ବିଦେଶରେ ପହଞ୍ଚାଇବା ପାଇଁ ନୂତନ ପ୍ରୟାସ ଆରମ୍ଭ କରିଛି 'ଓଡ଼ିଶା ଏକ୍ସପ୍ଲୋରର'। କଳାହାଣ୍ଡି ତଥା ଓଡ଼ିଶାର ବିଭିନ୍ନ ଲୋକାଭିମୁଖୀ ପର୍ଯ୍ୟଟନସ୍ଥଳୀ, ମନ୍ଦିରମାଳିନୀ ତଥା ଗ୍ରାମାଞ୍ଚଳର ଦୃଶ୍ୟ ଆଦି ସୋସିଆଲ ମିଡିଆ ମାଧ୍ୟମରେ ଭାଇରାଲ୍ ହେଉଛି। ଓଡ଼ିଶା ଏକ୍ସପ୍ଲୋରର ମାଧ୍ୟମରେ ଓଡ଼ିଶାର ଲୁକ୍କାୟିତ ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ସାମଗ୍ରିକ କରିବା ଏବଂ ପର୍ଯ୍ୟଟକଙ୍କୁ ଅଧିକ ଆକର୍ଷିତ କରିବା ସହ ଓଡ଼ିଶା ବିଷୟରେ ବ୍ୟକ୍ତିଙ୍କୁ ଅଧିକ ଜିଜ୍ଞାସୁ କରିବ ବୋଲି ଓଡ଼ିଶା ଏକ୍ସପ୍ଲୋରରର ମୁଖ୍ୟ ଶିବଶକ୍ତି ପୁରୋହିତ କହିଛନ୍ତି।

## କଂସାରୀରେ ୭୫ତମ ବନ ମହୋତ୍ସବ

**ଲାଞ୍ଜିଗଡ଼, ୭।୭ (ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ତଥା ବିଶ୍ୱନାଥପୁର ବନାଞ୍ଚଳ ଅନ୍ତର୍ଗତ ଲାଞ୍ଜିଗଡ଼ ସେକ୍ସନ କଂସାରୀଠାରେ ୭୫ତମ ବନ ମହୋତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି। ଆଜି ଶେଷ ଦିବସରେ ଲାଞ୍ଜିଗଡ଼ ସେକ୍ସନର ବନପାଳ ଚିନ୍ତାମଣି ମାଝୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ମହୋତ୍ସବରେ ବସନ୍ତପଡ଼ା ନାଏବ ସରପଞ୍ଚ ବିଳାସିନୀ ସୁନା, ଲାଞ୍ଜିଗଡ଼ ସେକ୍ସନର ବନରକ୍ଷୀ ଗିରିଧାରୀ ଗଉଡ଼, ଆମ ଜଙ୍ଗଲ ଯୋଜନା ଟିମ ଲିଡ଼ର ଅମିୟ ତ୍ରିପାଠୀ, ନିରାକାର ଦାସ, ଡିଓ ତୁଳାରାମ ନିଆଲ, ଉଦିତ ନାଏକ, ସନ୍ତୋଷ ମାଝୀ, ମାର୍କୋ ବାତ୍ରା, କ୍ରିଷ୍ଟ ନାଏକ, ତ୍ରିଲୋଚନ ସାହୁ, ସାଣ୍ଡରୁ ମାଝୀ, ଡିଲେସ ପ୍ରାଧାନୀ ସମେତ କଂସାରୀ ଗ୍ରାମର ପୁରୁଷ ଓ ମହିଳାମାନେ ଉପସ୍ଥିତ ରହି ଏହି ବନ ମହୋତ୍ସବକୁ ସଫଳ କରାଇଥିଲେ। ଏହି ଅବସରରେ ଲାଞ୍ଜିଗଡ଼ ସେକ୍ସନ ବାତେଲୀମା ବିଟ ନିୟମଗିରି ଆରଏଫ କଂସାରୀ ଜଙ୍ଗଲରେ ୫ ହେକ୍ଟର ଜମିରେ ୮ ହଜାର ବିଭିନ୍ନ କିସମର ବୃକ୍ଷରୋପଣ କରାଯାଇଥିଲା। ବନବିଭାଗର ଅସ୍ଥାୟୀ କର୍ମଚାରୀ ଓ ସ୍ଥାନୀୟ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ବିଶ୍ୱନାଥପୁର ବନାଞ୍ଚଳର ଏଇ ଲାଞ୍ଜିଗଡ଼ ସେକ୍ସନ ଅଞ୍ଚଳରେ ଜନସାଧାରଣଙ୍କ ସହଭାଗିତାରେ ଜଙ୍ଗଲ ସୁରକ୍ଷା ପାଇଁ ବନ ବିଭାଗ ଅଣ୍ଟା ଭିଡ଼ିଥିବା ବେଳେ ଲାଞ୍ଜିଗଡ଼ ବନ ମହୋତ୍ସବରେ ଏହାର ନିଦର୍ଶନ ଦେଖିବାକୁ ମିଳିଛି। ଆଗାମୀ ଦିନରେ ଜନସାଧାରଣ ଓ ବନ ବିଭାଗର ମିଳିତ ସହଯୋଗରେ ଜଙ୍ଗଲ ସୁରକ୍ଷା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରହିବ ବୋଲି ଲାଞ୍ଜିଗଡ଼ ବନପାଳ ଶ୍ରୀ ମାଝୀ ପ୍ରକାଶ କରିଛନ୍ତି।



## କୋମନା ବ୍ଲକରେ ସମ୍ପୂର୍ଣ୍ଣତା ଅଭିଯାନ

**କୋମନା, ୭।୭ (ସମିସ):** ଭାରତ ସରକାରଙ୍କ ନୀତି ଆୟୋଗ ତରଫରୁ ଆରମ୍ଭ ହୋଇଥିବା ସମ୍ପୂର୍ଣ୍ଣତା ଅଭିଯାନ ଅନ୍ତର୍ଗତ ପଞ୍ଚାୟତ ସମିତି ସଭା ଗୃହରେ ପର୍ବ ପାଳିତ ହୋଇ ଯାଇଛି। ଏଥିରେ ବିଧାୟକ ରାଜେନ୍ଦ୍ର ଢୋଲକିଆ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ସମ୍ପୂର୍ଣ୍ଣତା ଅଭିଯାନ ଅଧୀନ ୪ଟି ବିଭାଗରେ ୬ ଟି ମାନଦଣ୍ଡକୁ କିପରି ଜୁଲାଇରୁ ସେପ୍ଟେମ୍ବର ମାସ ମଧ୍ୟରେରେ ପୂର୍ଣ୍ଣତା ଆଣି ହବ, ଏ ନେଇ କୋମନା ଗୋଷ୍ଠୀ ଉନ୍ନୟନ ଅଧିକାରୀ ହିତାଂଶୁ ଶେଖର ସାମଲ ମାର୍ଗଦର୍ଶନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋମନା ବ୍ଲକ ଅଧ୍ୟକ୍ଷା ଅନୁସୟା କୁମ୍ଭାର ଏହି କାର୍ଯ୍ୟକ୍ରମର ସଫଳତା ନେଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଆୟୋଜିତ ପ୍ରଭାତଫେରି ରେ କୋମନା ସରପଞ୍ଚ ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ବଂଶୀଧର ବୁଡ଼େକ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, କୋମନା ଓ ଅନ୍ୟାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ବ୍ଲକର ୩୨ଟି ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା ମାଧ୍ୟମରେ ଜନ ସାଧାରଣଙ୍କ ମଧ୍ୟରେ ସଚେତନତା ଅଣାଯାଇ ଥିଲା।

## ବିଦ୍ୟାଳୟରେ କ୍ୟାବିନେଟ ଶପଥ ଗ୍ରହଣ



**ନୂଆପଡ଼ା, ୭।୭ (ସମିସ):** ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କୁଲିଆବନ୍ଧାଠାରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନିର୍ବାଚନ ମାଧ୍ୟମରେ ଗଠିତ ବିଦ୍ୟାଳୟ କ୍ୟାବିନେଟ ମନ୍ତ୍ରିମଣ୍ଡଳର ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସମୀର କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶପଥ ଗ୍ରହଣ ଉତ୍ସବରେ ସ୍କୁଲ କ୍ୟାବିନେଟର ମୁଖ୍ୟମନ୍ତ୍ରୀ ଥାନେଶ୍ୱର ପଟେଲ, ଉପ-ମୁଖ୍ୟମନ୍ତ୍ରୀ ଆରତୀ ପଟେଲ ଓ ପ୍ରତାପ ହଂସ, ଶିକ୍ଷାମନ୍ତ୍ରୀ ଘନଶ୍ୟାମ ପଟେଲ, ସ୍ୱାସ୍ଥ୍ୟ ମନ୍ତ୍ରୀ ଗୌତମ ପଟେଲ, ପରିବେଶ ମନ୍ତ୍ରୀ ନେମିଶ ପଟେଲ, ଖାଦ୍ୟ ମନ୍ତ୍ରୀ ଚନ୍ଦ୍ରଶେଖର ହରିଜନ, କ୍ରୀଡାମନ୍ତ୍ରୀ ଖଗେଶ୍ୱର ଶବର, କଳା ଓ ସଂସ୍କୃତି ମନ୍ତ୍ରୀ ସୁମିତ୍ରା ବରିହା, ମୀନାମନ୍ତ୍ରୀ ତାରିଣୀ ଗଉଡ ଶପଥ ଗ୍ରହଣ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ କିଶୋର କୁମାର ପରିଡ଼ା ମନ୍ତ୍ରୀମାନଙ୍କୁ ବିଦ୍ୟାଳୟରେ ଶୃଙ୍ଖଳା, ଦାୟିତ୍ୱବୋଧ, ସମୟାନୁବର୍ତ୍ତିତା, ସ୍ୱଚ୍ଛ ପରିବେଶ ଓ ସୁରକ୍ଷା ଜ୍ଞାନ ଜାଗରଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସ୍କୁଲ କ୍ୟାବିନେଟ ଶପଥ ଗ୍ରହଣ ଉତ୍ସବରେ ବିଦ୍ୟାଳୟର ଶିକ୍ଷକ ନାନ୍ତା ମାଝୀ, ରବିଶଙ୍କର ଭୋଇ, ଗୁଣସାଗର ଭୋଇ, ଲିଲାବାଇ ଶବର ଏବଂ ଏଆଇଏଫ୍ ଶିକ୍ଷକ ଛବିଳ କୁମାର ନିଆଲ ପ୍ରମୁଖ ଉପସ୍ଥିତ ରହି ମନ୍ତ୍ରିମଣ୍ଡଳଙ୍କୁ ସେମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ବିଷୟରେ ବୁଝାଇଥିଲେ। ପରିଶେଷରେ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଗୁଣସାଗର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାସ୍ତରୀୟ ବିଶ୍ୱ ଜୁନୋସିସ୍ ଦିବସ ପାଳିତ

**ବୌଦ୍ଧ, ୭।୭ (ସମିସ):** ଶନିବାର ଜିଲ୍ଲା ସ୍ୱାସ୍ଥ୍ୟ ସମିତିର ତାଲିମ୍ କେନ୍ଦ୍ରଠାରେ ଜିଲ୍ଲାସ୍ତରୀୟ ବିଶ୍ୱ ଜୁନୋସିସ୍ ଦିବସ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଭଞ୍ଜ କିଶୋର ରାମଚନ୍ଦ୍ର ଦେଓ ହେମ୍ବ୍ରମ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମଦନ ମୋହନ ପ୍ରଧାନ ଯୋଗଦେଇ ପଶୁପକ୍ଷୀଙ୍କଠାରୁ ମଣିଷ ଦେହକୁ ସଂକ୍ରମିତ ହେଉଥିବା ରୋଗ ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲା ଟବାକୋ ସେଲ୍‌ଫ ଉପଦେଷ୍ଟା ଆଲୋକ ମିଶ୍ରଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ, ଆଶାକର୍ମୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ଏଏନଏମ ତାଲିମ କେନ୍ଦ୍ରର ଛାତ୍ରୀ ଅଂଶଗ୍ରହଣ କରିଥିଲେ।




## ତାଲଝରଣ ଗାଁରେ ପରିବେଶ ସଚେତନତା କାର୍ଯ୍ୟକ୍ରମ



**ବଲାଙ୍ଗିର, ୭।୭ (ସମିସ):** ବଲାଙ୍ଗିର ଜଙ୍ଗଲ ଜୀବନ ସୁରକ୍ଷା ଅଭିଯାନ ପକ୍ଷରୁ ଶୁକ୍ରବାର ସଦର ବ୍ଲକ ବୈଦପାଲି ଗ୍ରାମପଞ୍ଚାୟତର ତାଲଝରନ୍ ଗାଁରେ ଗୋଷ୍ଠୀ ଜଙ୍ଗଲ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜଙ୍ଗଲ ଜୀବନ ସୁରକ୍ଷା ଅଭିଯାନର ଆବାହକ ପ୍ରକୃତିବନ୍ଧୁ ସୁନୀଲ କୁମାର ମହାନ୍ତିଙ୍କ ଆବାହକତ୍ୱରେ ଅତିଥି ଭାବେ ଜିଲ୍ଲା ଜଙ୍ଗଲ ପରିଚାଳନା ଫୋରମ୍‌ର ଆବାହକ କୁଳମଣି ସାହୁ ଓ ଲୋୟର ସୁକ୍‌ତେଲ ବୁଡ଼ିଅଞ୍ଚଳ ସଂଗ୍ରାମୀ ପରିଷଦ ସମ୍ପାଦକ ସତ୍ୟ ବନ୍‌ଛୋର ଯୋଗ ଦେଇଥିଲେ। ଗାଁର ଗୌନ୍ତିଆ ଶଙ୍କର୍ଷଣ ସାଏ ସଭାରେ ଗାଁର ମହିଳା ଓ ପୁରୁଷମାନେ ସମ୍ମିଳିତ ଉଦ୍ୟମ କରି ଜଙ୍ଗଲ ସୃଷ୍ଟି କରିବାକୁ ବ୍ରତୀ ବୋଲି କହିଥିଲେ। ସେମାନେ ଦୀର୍ଘବର୍ଷ ହେଲା ଜଙ୍ଗଲ ସୁରକ୍ଷା କରିଆସୁଛନ୍ତି। ଆଗକୁ ମଧ୍ୟ ଜଙ୍ଗଲ ସୁରକ୍ଷା କାର୍ଯ୍ୟକ୍ରମ ଜାରି ରହିବ ବୋଲି କହିଥିଲେ। ଅତିଥି ଶ୍ରୀ ବନ୍‌ଛୋର ଓ ଶ୍ରୀ ସାହୁ ଗୋଷ୍ଠୀ ଜଙ୍ଗଲ ପରିଚାଳନା ଅଧିକାର ଏବଂ ଏଥିରେ ଗ୍ରାମବାସୀଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଅଭିଯାନ ଆବାହକ ଶ୍ରୀ ମହାନ୍ତି ତାଲଝରଣ ଗାଁକୁ ପୌଷ୍ୟଗ୍ରାମ ଭାବେ ଗ୍ରହଣ କରିଥିବା ଘୋଷଣା କରିଥିଲେ। ଆଜିର କାର୍ଯ୍ୟକ୍ରମରେ ଗାଁର ତ୍ରିଲୋଚନ ପାତ୍ର, ବିଶି ବରିହା, ପୂର୍ଣ୍ଣଚନ୍ଦ୍ର ସାଏ, ଶୁକ୍ରୁ ଭୁଏ, ପ୍ରମିଳା କଲତା, ଜାମା ନାଏକ, ସନ୍ତୋଷିନୀ ପାତ୍ର, ପଦ୍ମାବତୀ ନାଏକ, ବାସନ୍ତୀ ପାତ୍ର, ଚମ୍ପା ପୁଟେଲ, ଯଶୋବନ୍ତୀ ପାତ୍ର, ରଜନୀ ପାତ୍ର, ବିରଞ୍ଚ ତାଣ୍ଡି, ଧ୍ରୁବ ବାଗ, ରସାନନ୍ଦ ବାଗ, ଦାମୋଦର ବରିହା, ମକାରୁ ବରିହା, ପଦମ୍ ବରିହା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

କୋଲ୍ ୱାସେରୀ ଅନିୟମିତତା

# କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ତଦନ୍ତ ନିର୍ଦ୍ଦେଶ

ସମ୍ବଲପୁର, ୭।୭ (ସମିସ)

ଇଏମ୍‌ସିଏଲ୍ (ଆର୍ଥ ମିନେରାଲ କମ୍ପାନୀ ଲିମିଟେଡ)କୁ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଝଟକା। ଇଏମସିଏଲର ଆବାସିକ କଲୋନୀ ନିକଟରେ କୋଲ ୱାସେରୀ ଚଳାଉଥିବା ବେଳେ ପ୍ରଦୂଷଣ ନିୟନ୍ତ୍ରଣ ନିୟମ ମାନୁ ନ ଥିବା ଅଭିଯୋଗ ହେବା ପରେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। କେବଳ ପ୍ରଦୂଷଣ ନିୟମ ଖିଲାପ ନୁହେଁ ବରଂ ଇଏମସିଏଲ ନାଁରେ ଜମି ଜାଲିଆତି ଅଭିଯୋଗ ମଧ୍ୟ ହୋଇଛି।

■ ଆବାସିକ କଲୋନୀ ନିକଟରେ ଇଏମ୍‌ସିଏଲ୍‌ର ବେଆଇନ କୋଲ ୱାସେରୀ

■ ଗ୍ଲୋବାଲ କୋଲ୍ ୱାସେରୀ ସ୍ଥାନାନ୍ତର ନେଇ ୨୦୧୦ରୁ ରହିଛି କୋର୍ଟ ନିର୍ଦ୍ଦେଶ

ସୂଚନା ଅନୁସାରେ ମହାନଦୀ କୋଲ୍ଡ ଫିଲ୍ଡ ଲିମିଟେଡ (ଏମସିଏଲ)ର ଲଖନପୁର ଖଣି କ୍ଷେତ୍ରର କିରାରମାସ୍ଥିତ ଆର୍ଥ ମିନେରାଲ କମ୍ପାନୀ ଲିମିଟେଡ ପ୍ରଦୂଷଣ ଜନିତ ସମସ୍ତ ଆଇନକୁ ଜଳାଞ୍ଜଳି ଦେଇ କୋଲ୍ ୱାସେରୀ ପରିଚାଳନା କରୁଥିବା ଜିଲ୍ଲା ପ୍ରଶାସନ ପାଖରେ ଅଭିଯୋଗ ହୋଇଥିଲା। ତେବେ ଅଭିଯୋଗ ପରେ ମଧ୍ୟ କମ୍ପାନୀକୁ କ୍ଲିନଚିଟ୍ ଦିଆଯାଇଥିବା ପରିବେଶ ସୁରକ୍ଷା ସଂଘର ସଭାପତି ସତ୍ୟନାରାୟଣ ରାଓ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପାଖରେ ଅଭିଯୋଗ କରିଥିଲେ। ତେବେ ଅଭିଯୋଗ ହେବା ପରେ ପୁଣି ଇଏମସିଏଲ ବା ଆର୍ଥ ମିନେରାଲ କମ୍ପାନୀ ଲିମିଟେଡ ବିରୋଧରେ ତଦନ୍ତ କରିବା ପାଇଁ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଗ୍ଲୋବାଲ କୋଲ ୱାସେରୀ ମଧ୍ୟ ଏମସିଏଲ ଜମିରେ କୋଲ୍ ୱାସେରୀ କରିଥିବା ବେଳେ ଏହାକୁ ସ୍ଥାନାନ୍ତର କରିବା ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ଦେଇଛନ୍ତି। କୋଲ ବିୟରିଂ ଆକ୍ଟ-୧୯୫୭ ଅନୁସାରେ କୋଇଲା ଖନନ ପାଇଁ ଅଧିଗ୍ରହଣ ହୋଇଥିବା ଜମିକୁ ପ୍ରଦାନ କରାଯାଇ ପାରିବ ନାହିଁ। ତେବେ ଜାଗା ପ୍ରଦାନ କରିଥିବାରୁ ୬ ମାସ ମଧ୍ୟରେ ବଦଳ ଜମି ଦେଇ ୱସେରୀ କବ୍ଜା କରିଥିବା ୨୧ ଏକର ଜମି ଖାଲି କରିବାକୁ ନିର୍ଦ୍ଦେଶ ରହିଥିଲା। ଏମସିଏଲର ଅଧିକାରୀ ଓ ଜିଲ୍ଲା ପ୍ରଶାସନର ଅଧିକାରୀ ମଧୁଚନ୍ଦ୍ରିକାରେ ସେହି ୨୧ ଏକର ଜମି ଗ୍ଲୋବାଲ କୋଲ ୱାସେରୀକୁ ଦିଆଯାଇଥିବା ଅଭିଯୋଗ ହୋଇଥିଲା। ହେଲେ ପରିବର୍ତ୍ତୀ ସମୟରେ ସେହି ଜମି ବଦଳରେ ଅନ୍ୟଠାରେ ୧୪ ଏକର ଜମି ଯୋଗାଇ ଦିଆଯାଇଛି। ଏହି ବଦଳ ଜମି ପାଇଁ ଟଙ୍କା ଜମା କରିବା ପାଇଁ ୨୦୧୯ରେ ମଧ୍ୟ କୁହାଯିବା ସହ ସ୍ଥାନ ଖାଲି କରିବା କୁହାଯାଇଥିଲା। ଯାହାକୁ ବିରୋଧ କରି ହାଇକୋର୍ଟରେ ପତ୍ର ସଂଖ୍ୟା ଡବ୍ଲ୍ୟୁପି-୧୪୨୦୬ରେ ରିଟ ପିଟିସିନ ଦାଖଲ କରିଥିଲା ଗ୍ଲୋବାଲ କୋଲ ୱାସେରୀ। ଫଳରେ ଏହି ଦୁଇ ବେଆଇନ କୋଲ ୱାସେରୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପରିବେଶବିତ ଦାବି କରିଛନ୍ତି।



## ଉଜ୍ଜ୍ୱଳପୁର ବନାଞ୍ଚଳରେ ବନ ମହୋତ୍ସବ ଉଦ୍‌ଯାପିତ

# ସପ୍ତାହବ୍ୟାପୀ ୧୫ ହଜାରରୁ ଊର୍ଦ୍ଧ୍ୱ ଚାରାରୋପଣ







**ସୁନ୍ଦରଗଡ଼, ୭ ।୭ (ସମିସ)**

ସୁନ୍ଦରଗଡ଼ ବନଖଣ୍ଡର ଉଜ୍ଜ୍ୱଳପୁର ବନାଞ୍ଚଳରେ ସପ୍ତାହବ୍ୟାପୀ ଚାଲିଥିବା ୭୫ତମ ବନ ମହୋତ୍ସବ ରବିବାର ଉଦଯାପିତ ହୋଇଛି। କାର୍ଯ୍ୟକ୍ରମରେ ବିଭିନ୍ନ ବନ ସୁରକ୍ଷା ସମିତି, ଗ୍ରାମ ପଞ୍ଚାୟତ, ବିଦ୍ୟାଳୟ, ଯୁବକ ସଂଘ ଦ୍ୱାରା ଶ୍ରମଦାନ ମାଧ୍ୟମରେ ୧୫ ହଜାରରୁ ଅଧିକ ଚାରାରୋପଣ କରାଯାଇଥିଲା। ସହଯୋଗୀ ଅନୁଷ୍ଠାନ ସେବକର କର୍ମକର୍ତ୍ତାଙ୍କ ନେତୃତ୍ୱରେ ବନ ସୁରକ୍ଷା ସମିତି ସ୍ତରରେ ୨୦ ହଜାରରୁ ଅଧିକ ସିଡ୍‌ବଲ ପ୍ରସ୍ତୁତ କରାଯାଇ ଏହାକୁ ରୋପଣ କରାଯାଇଛି। ଏଥିସହ ଏକ ସ୍ୱତନ୍ତ୍ର ଭ୍ରାମ୍ୟମାଣ ଯାନ ଦ୍ୱାରା ବନାଞ୍ଚଳର ଉଜ୍ଜ୍ୱଳପୁର, ନୂଆଡିହି, ସାନପତ୍ରାପାଲି ଓ କିଞ୍ଜିରକେଲା ସେକ୍ସନର ବିଭିନ୍ନ ଗ୍ରାମରେ ୫ ହଜାରରୁ ଅଧିକ ଚାରା ବଣ୍ଟନ ହୋଇଛି। ପ୍ରତ୍ୟେକ ସେକ୍ସନ ସ୍ତରର ବନପାଳ, ବନରକ୍ଷୀ, ସହଯୋଗୀ ଅନୁଷ୍ଠାନ ସେବକର କର୍ମକର୍ତ୍ତାଙ୍କ ସକ୍ରିୟ ସହଯୋଗ କ୍ରମେ ଏହି ବନ ମହୋତ୍ସବ ସପ୍ତାହ ସଫଳତାର ସହ ସମ୍ପନ୍ନ ହୋଇଛି।

ଏହି ଅବସରରେ ଉଜ୍ଜ୍ୱଳପୁର ପଞ୍ଚାୟତ ନୂଆମୁଣ୍ଡା ଗ୍ରାମରେ ଜୟ ଜଗନ୍ନାଥ ଯୁଥ କ୍ଲବ ପକ୍ଷରୁ ଆୟୋଜିତ ସାମୂହିକ ଶ୍ରମଦାନ ଶିବିରରେ ସୁନ୍ଦରଗଡ଼ ସଦର ବିଧାୟକ ଯୋଗେଶ କୁମାର ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ବୈଶ୍ୱିକ ତାପମାନ ବୃଦ୍ଧି ତଥା ଜଳବାୟୁ ପରିବର୍ତ୍ତନର କୁପ୍ରଭାବକୁ ରୋକିବା ପାଇଁ ଚାରାରୋପଣ ହିଁ ଏକମାତ୍ର ବିକଳ୍ପ ପନ୍ଥା, ଏଣୁ ସମସ୍ତେ ନିଜ ନିଜ ଦାୟିତ୍ୱ ଭାବରେ ଚାରାରୋପଣ କରିବା ସହ ଏହାର ସୁରକ୍ଷା ପ୍ରତି ଯତ୍ନବାନ ହେବାକୁ ଆହ୍ୱାନ ଦେଇଥିଲେ। ଉଜ୍ଜ୍ୱଳପୁର ବନାଞ୍ଚଳ ଅଧିକାରୀ ଦେବଦତ୍ତ ନନ୍ଦ, ବନପାଳ ହେମବତୀ ସିଂ, ଦୋଳଗୋବିନ୍ଦ ପାଣିଗ୍ରାହୀ ଚାରାରୋପଣ ଓ ଏହାର ଯତ୍ନ ସମ୍ପର୍କରେ ବୁଝାଇଥିଲେ। ସହଯୋଗୀ ଅନୁଷ୍ଠାନ ସେବକର ଉନ୍ନୟନ ଅଧିକାରୀ ମନୋରଞ୍ଜନ ମଲ୍ଲିକ 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମରେ ସମସ୍ତେ ସାମିଲ ହେବା ପାଇଁ ଅନୁରୋଧ କରିବା ସହ ବର୍ଷସାରା ବିଭିନ୍ନ ସମୟରେ ଚାରାରୋପଣ କରିବାକୁ ଆଗଭର ହେବା ନିମନ୍ତେ ପରାମର୍ଶ ଦେଇଥିଲେ। ଏହି ଅବସରରେ ନୂଆମୁଣ୍ଡା ଗ୍ରାମ ମା' ସିଙ୍ଘବାହିନୀ, ମା' ସରସ୍ୱତୀ, ମା' ଲକ୍ଷ୍ମୀ, ମା' ପାର୍ବତୀ, ମା' ଚନ୍ଦ୍ରହାସିନୀ, ମା' ବସୁନ୍ଧରା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ତଥା ଜୟ ଜଗନ୍ନାଥ ଯୁଥ କ୍ଲବର କର୍ମୀମାନେ ୧ ହଜାର ଚାରାରୋପଣ କରିଥିଲେ। ସେବକ କାର୍ଯ୍ୟକର୍ତ୍ତା ସୁମିତ ପଟେଲ, ଅମୀୟ ରଞ୍ଜନ ଲେଙ୍କା, ଜୟ ଜଗନ୍ନାଥ ଯୁଥ କ୍ଲବର କ୍ଷୀରୋଦ ନେଟୀ, ସୁପେଶ ମାଝୀଙ୍କ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା। ଚାରାରୋପଣ ଅଭିଯାନ ଆଗକୁ ମଧ୍ୟ ଜାରି ରହିବ ବୋଲି ଉଜ୍ଜ୍ୱଳପୁର ବନାଞ୍ଚଳ ଅଧିକାରୀ ନନ୍ଦ ସୂଚନା ଦେଇଛନ୍ତି।

### ବନ ସୁରକ୍ଷା ସମିତି ସ୍ତରରେ ୨୦ ହଜାରରୁ ଅଧିକ ସିଡ୍‌ବଲର ବ୍ୟବହାର

## ୨ ବାଇକ୍ ମୁହାଁମୁହିଁ ଧକ୍କା; ଜଣେ ମୃତ

**ବାଲିଶଙ୍କରା, ୭ ।୭ (ସମିସ):** କିଞ୍ଜିରକେଲା ଥାନା ଅନ୍ତର୍ଗତ ରାଇଡିହି ଗ୍ରାମରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ଗାଙ୍ଗପୁରଗଡ଼ ଗ୍ରାମର ଯୋଗେଶ ମାଝୀ (୫୮)। ଯୋଗେଶ ବାଇକ ଯୋଗେ ପାଉଁରୁଟି ବିକ୍ରି କରିବା ପାଇଁ ଯାଉଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ ସହ ତାଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଯୋଗେଶ ଗୁରୁତର ଆହତ ହୋଇଥିଲେ। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି କିଞ୍ଜିରକେଲା ଡାକ୍ତରଖାନା ନେଇଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ସୁନ୍ଦରଗଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଛି। ପୁଲିସ ମୃତଦେହ ଜବତ କରି ତଦନ୍ତ ଚଳାଇଛି। ସୋମବାର ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି।

## ବ୍ଲକ୍ କଲୋନୀରେ ଲୁଟ୍‌ପାଟ

**ବାଲିଶଙ୍କରା, ୭ ।୭ (ସମିସ):** ତଲସରା ଥାନା ଅନ୍ତର୍ଗତ ବାଲିଶଙ୍କରା ବ୍ଲକ କଲୋନୀରେ ଚୋରମାନେ ଲୁଟପାଟ କରିଛନ୍ତି। ଶନିବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି। ରଥଯାତ୍ରା ଛୁଟି ଥିବାବେଳେ କର୍ମଚାରୀମାନେ ନିଜ ଘରକୁ ଯାଇଥିଲେ। ତେବେ ଚୋରମାନେ ଅଫିସ ଓ କ୍ୱାର୍ଟର୍ସର ତାଲା ଭାଙ୍ଗି ଆସବାବପତ୍ର ଫିଙ୍ଗାଫିଙ୍ଗି କରିବା ସହ ଲୁଟପାଟ କରିଛନ୍ତି। ଜଳ ପରିମଳ ବିଭାଗ କାର୍ଯ୍ୟାଳୟ, ପ୍ରଶାନ୍ତ କୁମାର ଭୋଇଙ୍କ କ୍ୱାର୍ଟର୍ସରୁ ଚୋରି ହୋଇଛି। ସଞ୍ଜୟ ଖଡ଼ିଆଙ୍କ ଘର ତାଲା ଭାଙ୍ଗି ଚୋରମାନେ ଆବସପତ୍ର ଫିଙ୍ଗାଫିଙ୍ଗି କରିବା ସହ କମ୍ପ୍ୟୁଟର ଚୋରିକରି ନେଇଯାଇଛନ୍ତି। ଏନେଇ ତଲସରା ଥାନାରେ ଅଭିଯୋଗ ହୋଇଛି। ତୁରନ୍ତ ଏହାର ତଦନ୍ତ କରି ଅଭିଯୁକ୍ତଙ୍କୁ ଧରିବା ସହ ପୁଲିସ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ଦାବି କରାଯାଇଛି।

## ଟ୍ରେଲର ଦୁର୍ଘଟଣାରେ ଚାଳକ ଗୁରୁତର

**ହେମଗିରି, ୭ ।୭ (ସମିସ):** ରବିବାର ସନ୍ଧ୍ୟାରେ ପତ୍ରାପାଲି ରାସ୍ତାରେ ଏକ କୋଇଲା ବୋଝେଇ ଟ୍ରେଲର ବିପରୀତ ଦିଗରୁ ଆସୁଥିବା ଏକ ଖାଲି ଟ୍ରେଲର ସହ ଧକ୍କା ହୋଇଥିଲା। ଏଥିରେ ଖାଲି ଟ୍ରେଲର ଚାଳକ ମନୋଜ ପାଶୱାନ (୪୫) ଗୁରୁତର ଆହତ ହୋଇଛନ୍ତି। ତାଙ୍କ ନାକ ଓ ଡାହାଣ ଗୋଡ଼ରେ ଗଭୀର ଆଘାତ ଲାଗିଛି। ବିଜିଏମ୍ଏସ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ହେମଗିରି ସ୍ୱାସ୍ଥ୍ୟକେନ୍ଦ୍ର ଅଣାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି।



## ହେମଗିରି ରାଜବାଟୀଠାରେ ରଥାରୂଢ଼ ହେଲେ ତିନି ଠାକୁର

**ହେମଗିରି, ୭ ।୭ (ସମିସ):** ହେମଗିରିଠାରେ ହର୍ଷ ଉଲ୍ଲାସର ସହ ପାଳିତ ହେଉଛି ମହାପ୍ରଭୁଙ୍କ ରଥଯାତ୍ରା। ସାରା ଦେଶ ତଥା ବିଦେଶରେ ପାଳିତ ହେଉଛି ମହାପ୍ରଭୁଙ୍କ ରଥଯାତ୍ରା ଉତ୍ସବ। ଜଗନ୍ନାଥ ମହାପ୍ରଭୁଙ୍କ ସମେତ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ପୂଜା ଆରାଧନା ପରେ ତିନି ଠାକୁରଙ୍କୁ ରଥାରୂଢ଼ କରାଯାଇଥିଲା। କୁମାର ସମରେନ୍ଦ୍ର ସିଂଦେଓଙ୍କ ଦ୍ୱାରା ଛେରାପହଁରା ଏବଂ ଗ୍ରାମ୍ୟ ବ୍ରାହ୍ମଣଙ୍କ ଦ୍ୱାରା ପହଣ୍ଡି ବିଜେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ଜୟ ଜଗନ୍ନାଥ ଧ୍ୱନି, ଶଙ୍ଖନାଦ, ହୁଳହୁଳି ସହିତ ଠାକୁରଙ୍କ ରଥଟଣା ଆରମ୍ଭ ହୋଇଥିଲା।

## ଅବକାରୀ କାର୍ଯ୍ୟାଳୟ ଉଦ୍‌ଘାଟିତ



**ହେମଗିରି, ୭ ।୭ (ସମିସ):** ହେମଗିରି ରଙ୍ଗିଆଡିପାସ୍ଥିତ ନୂତନ ଅବକାରୀ କାର୍ଯ୍ୟାଳୟ କୋଠାକୁ ରବିବାର ରଥଯାତ୍ରା ତିଥିରେ ଉଦଘାଟନ କରାଯାଇଛି। ଅବକାରୀ ଅଧିକାରୀ ବାବୁଲୁ ଦାସ ପୂଜାରେ କର୍ତ୍ତା ଭାବେ ବସିଥିବା ବେଳେ ରଜନୀ ବେହେରାଙ୍କ ସମେତ ଅନ୍ୟ ସହକର୍ମୀ ଉପସ୍ଥିତ ରହି ପୂଜାର୍ଚ୍ଚନା ତଥା ପ୍ରସାଦ ସେବନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ପରିପ୍ରେକ୍ଷୀରେ ଅଫିସ ସମ୍ମୁଖରେ ଚାରାରୋପାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୌରୀନାରାୟଣ ଶତପଥୀ ପୌରୋହିତ୍ୟ କରିଥିଲେ।

# ବିଭିନ୍ନ ସ୍ଥାନରେ ବନ ମହୋତ୍ସବ ପାଳିତ

### ମାଣିକେଶ୍ୱରୀ ସରକାରୀ ଉଚ୍ଚ ବିଦ୍ୟାଳୟ



**ସୁନ୍ଦରଗଡ଼, ୭ ।୭ (ସମିସ):** ବନ ମହୋତ୍ସବ ସପ୍ତାହ ଉପଲକ୍ଷେ ଶନିବାର ଗଡ଼ତୁମଲିଆସ୍ଥିତ ମାଣିକେଶ୍ୱରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ ପାଳନ କରାଯାଇଛି। ଏଥିରେ ହେମଗିରି ବିଇଓ କରୁଣାସାଗର ପଟେଲ ମୁଖ୍ୟଅତିଥି, ଏବିଇଓ କିଶୋର କୁମାର ଅର୍କ, ପ୍ରଦୀପ ପ୍ରଧାନ, ଡୁଡୁକା ବନପାଳ ଉଲ୍ଲାସ କୁମାର ପଟେଲ, ଲେନିନ କୁମାର ପଟେଲ, ବନରକ୍ଷୀ ତୃପ୍ତିମୟୀ ନାଏକ ଓ କ୍ଷମାଶୀଳ କର୍ତ୍ତା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ସହଦେବ ମହାକୁଡ଼ ସମସ୍ତଙ୍କୁ ସ୍ୱାଗତ କରିବା ସହ ଚାରାରୋପଣର ଉପକାରିତା ସମ୍ବନ୍ଧରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଇକୋ କ୍ଲବ ଓ ଶକ୍ତି କ୍ଲବ୍ ଦାୟିତ୍ୱରେ ଥିବା ଶିକ୍ଷକ ବନମାଳୀ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ୩୦୦ ଛାତ୍ରଛାତ୍ରୀ ଗୋଟିଏ ଲେଖାଏଁ ଚାରା ଲଗାଇଥିଲେ। ଶିକ୍ଷକ ଗଣେଶରାମ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରଛାତ୍ରୀ ଗ୍ରାମ ପରିକ୍ରମା କରି ଚାରାରୋପଣ ପାଇଁ ସଚେତନତା ସୃଷ୍ଟି କରିଥିଲେ।

### ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ




ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟରେ ଯୁବ ରେଡକ୍ରସ, ଜାତୀୟ ସେବା ଯୋଜନା ଏବଂ ଇକୋ କ୍ଲବ ଆନୁକୂଲ୍ୟରେ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଛି। ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ସଭା ହୋଇଥିଲା। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ବୀରେନ୍ଦ୍ର କୁମାର ପଟେଲ ସଭାପତିତ୍ୱ କରି ବନ ମହୋତ୍ସବ ପାଳନର ଉଦ୍ଦେଶ୍ୟ, ଇତିହାସ ଏବଂ ବିବିଧ ଦିଗ ଉପରେ ଆଲୋକପାତ କରିଥିଲେ। ସୋମ ରୟ ପ୍ରତିଷ୍ଠାନର ମୁଖ୍ୟ ସୋମ ରୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାରାରୋପଣର ଉପକାରିତା, ବର୍ତ୍ତମାନ ସମୟରେ ଚାରାରୋପଣ କେତେ ଜରୁରୀ, ସେ ବିଷୟରେ ବକ୍ତବ୍ୟ ରଖିଥିଲେ। ସହକାରୀ ପ୍ରଫେସର ନୂତନ ଖମାରୀ ସଭା ପରିଚାଳନା କରିଥିଲେ। ପରେ ଅତିଥି, ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ, କର୍ମଚାରୀଙ୍କ ଦ୍ୱାରା ମହାବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା। ଯୁବ ରେଡ୍ କ୍ରସ୍ ଅଧିକାରୀ ଅଧ୍ୟାପକ ପ୍ରଭାକର ସେଠୀ, ସହକାରୀ ପ୍ରଫେସର ଡ. ଶମ୍ଭୁ ସଂସ୍କାର ଦୀପ, ଇକୋ କ୍ଲବ ସଂଯୋଜକ ଡ. ରତ୍ନେଶ ରଞ୍ଜନ, ସେକ୍ସନ ଅଫିସର ପ୍ରଦୀପ କୁମାର ବହିଦାର ସହଯୋଗ କରିଥିଲେ।

### ଦୀପିକା ମଡେଲ ସ୍କୁଲ



ସୁନ୍ଦରଗଡ଼ ଦୀପିକା ମଡେଲ ସ୍କୁଲରେ ବନ ମହୋତ୍ସବ ପାଳିତ ହୋଇଛି। ଏହି ଅବସରରେ ଷ୍ଟାଣ୍ଡାର୍ଡ-୨ ଏବଂ ତୃତୀୟରୁ ଦଶମ ଶ୍ରେଣୀ ଯାଏ ରହିଥିବା ଦୁଇଟି ଯାକ ସ୍କୁଲରେ ବିଭିନ୍ନ କିସମର ଚାରାରୋପଣ କରାଯାଇଥିଲା। ସ୍କୁଲ ଅଧ୍ୟକ୍ଷ ସଞ୍ଜୟ କୁମାର ବହିଦାରଙ୍କ ତତ୍ତ୍ୱାବଧାନରେ ସ୍କୁଲ ପରିଚାଳନା କମିଟି କର୍ମକର୍ତ୍ତା, ଶିକ୍ଷକ ଶିକ୍ଷୟିତ୍ରୀ ତଥା କର୍ମଚାରୀମାନେ ଚାରାରୋପଣ କରିଥିଲେ। ବନ ବିଭାଗ କର୍ମଚାରୀ ଉପସ୍ଥିତ ରହି ଦିଗଦର୍ଶନ ଦେଇଥିଲେ।

### ବନ୍ଧପାଲି ପ୍ରାଥମିକ ବିଦ୍ୟାଳୟ





ଟାଙ୍ଗରପାଲି ବ୍ଲକ ବନ୍ଧପାଲି ପ୍ରାଥମିକ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ ପାଳିତ ହୋଇଛି। ପ୍ରଧାନଶିକ୍ଷକ ବିକାଶ କୁମାର ନାଏକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାରାରୋପଣର ଶୁଭାରମ୍ଭ କରିଥିଲେ। ଆୟୋଜିତ ସଚେତନତା ସଭାରେ ଚାରାରୋପଣର ଆବଶ୍ୟକତା ଏବଂ ଏହାର ଉପାଦେୟତା ତଥା ବୃକ୍ଷ ଏକ ସୁନ୍ଦର ରାଷ୍ଟ୍ର ନିର୍ମାଣ, ଉତ୍ତମ ପରିବେଶ ସୃଷ୍ଟି କରିବାରେ ସହାୟକ ହେବା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଉଜ୍ଜ୍ୱଳପୁର ବନାଞ୍ଚଳ ଅଧିକାରୀ ଦେବଦତ୍ତ ନନ୍ଦ, ସେବକର ବରିଷ୍ଠ କର୍ମକର୍ତ୍ତା ଦିଗମ୍ବର ଉପାଧ୍ୟାୟ, ତେଲେନଡିହି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଶେଷଦେବ ନନ୍ଦ, ବାଲିଯୋରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜଗନ୍ନାଥ ମହାପାତ୍ର, ସୁମତି ଦିହୁରିଆ, ରାଜୁ ସୋରେଙ୍ଗ, ଦୀନମଣି ସେଠ, ମିତ୍ରଭାନୁ ପଟେଲ, ଅଶୋକ ପଟେଲ, ବିଶ୍ୱଜିତ ପଟେଲ, ପ୍ରକାଶ ଚନ୍ଦେଲ, ସିଆରସିସି ମଳୟ ମଞ୍ଜରୀ ପଟେଲ, ଅଜିତ କୁମାର ବାର୍ଲା, ସୁଧୀର ନାଏକ, ରାଜନ ପଟେଲ, ନନ୍ଦିତା ପଟେଲ, ଶ୍ରୀଲେଖା ପଟେଲ, ମୁକ୍ତେଶ୍ୱରୀ ପଟେଲ, ଅବସରପ୍ରାପ୍ତ ଶିକ୍ଷକ ଶିବରାମ ବେହେରା ଓ ପାର୍ବତୀ ନାଏକ ପ୍ରମୁଖ ବନ ମହୋତ୍ସବ ତଥା ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବନ୍ଧପାଲି ପ୍ରାଥମିକ ବିଦ୍ୟାଳୟ ବନ ମହୋତ୍ସବର ସାର୍ଥକତା ପ୍ରତିପାଦନ କରିପାରିଥିବାରୁ ସମସ୍ତ ଅତିଥି ପ୍ରଧାନଶିକ୍ଷକଙ୍କ ଉଚ୍ଚ ପ୍ରଶଂସା କରିଥିଲେ। ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଚାରାରୋପଣରେ ସକ୍ରିୟ ଭୂମିକା ନିଭାଇଥିଲେ।

### ଉଜ୍ଜ୍ୱଳପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ



ଟାଙ୍ଗରପାଲି ବ୍ଲକ ଉଜ୍ଜ୍ୱଳପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ୭୫ତମ ବନ ମହୋତ୍ସବ ପାଳିତ ହୋଇଛି। ଅନୁଷ୍ଠାନର ଜାତୀୟ ସେବା ଯୋଜନା ସମ୍ଭାଗ ତଥା ଯୁବ ରେଡ୍‌କ୍ରସ ମିଳିତ ଆନୁକୂଲ୍ୟରେ ଛାତ୍ରଛାତ୍ରୀ, ଅଧ୍ୟାପକ ଓ କର୍ମଚାରୀଙ୍କ ସହଯୋଗରେ ନିମ୍ବ, କରଞ୍ଜ, ଅଶୋକ, କଇଥ, ଓଉ, ମହୁଲ ପ୍ରଭୃତି ୧୦୦ରୁ ଅଧିକ ଚାରାରୋପଣ କରାଯାଇଥିଲା। ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରିଣୀ ଅଧ୍ୟାପିକା ଝରଣା ଆଚାର୍ଯ୍ୟ ଏବଂ ଯୁବ ରେଡ୍‌କ୍ରସ ଉପଦେଷ୍ଟା ଅରୁଣ କୁମାର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ସାମ୍ପ୍ରତିକ ଜଳବାୟୁ ପରିବର୍ତ୍ତନ ପାଇଁ ଚାରାରୋପଣ ଓ ବୃକ୍ଷର ମାହାତ୍ମ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉଜ୍ଜ୍ୱଳପୁର କେନ୍ଦ୍ରୀୟ ନର୍ସରୀର ବନପାଳ ଦୋଳଗୋବିନ୍ଦ ପାଣିଗ୍ରାହୀ ଚାରା ବିତରଣ ଏବଂ ଚାରାରୋପଣ କାର୍ଯ୍ୟରେ ସକ୍ରିୟ ଭୂମିକା ନିଭାଇଥିଲେ।

### ବଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

ବଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବନ ମହୋତ୍ସବ ବିପିଏମ୍ ଅରୁଣ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଲୋକଙ୍କୁ ସଦାବେଳେ ସୁସ୍ଥ ରଖିବା ପାଇଁ ପ୍ରୟାସ ଜାରି ରଖିଛି। ବୃକ୍ଷ ପରିବେଶକୁ ସବୁଜ ସୁନ୍ଦର ଏବଂ ମନ, ଦେହ ସୁସ୍ଥ ରଖୁଥିବାରୁ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏହି ମହତ ଉଦ୍ଦେଶ୍ୟରେ ଚାରାରୋପଣ କରାଯାଇଛି। ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଚିତ୍ରସେନ ସାହୁ, ଏସଟିଏଏସ ଅମିତ୍ କୁମାର ପାଣିଗ୍ରାହୀ, ଜେଇ ଚୂଡ଼ାମଣି ପ୍ରଧାନ ଓ ବନପାଳ ତୃଷ୍ଣା ନାଏକଙ୍କ ସମେତ ବନ ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗର ଅନ୍ୟ କର୍ମଚାରୀ ଏଥିରେ ଯୋଗଦେଇଥିଲେ।



### ସୁନ୍ଦରଗଡ଼ ପବ୍ଲିକ ସ୍କୁଲ




ସୁନ୍ଦରଗଡ଼ ପବ୍ଲିକ ସ୍କୁଲରେ ବନ ମହୋତ୍ସବ ପାଳିତ ହୋଇଛି। ଏଥିରେ ସୁନ୍ଦରଗଡ଼ ପୌରାଧ୍ୟକ୍ଷା ତନୟା ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତ୍ୟେକ ଜନ୍ମଦିନରେ ଗଛଟିଏ ଲଗାଇବା ଓ ଉପହାର ଭାବେ ଗଛଟିଏ ଦେବା ପାଇଁ ପରାମର୍ଶ ଦେଇଥିଲେ। ଅଧ୍ୟକ୍ଷା ହରିପ୍ରିୟା ପଟେଲ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରି ବିଦ୍ୟାଳୟ ତରଫରୁ ପରିବେଶକୁ ସବୁଜ ସୁନ୍ଦର ରଖିବା ପାଇଁ କରାଯାଉଥିବା ପ୍ରୟାସ ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଟ୍ରଷ୍ଟି ସଦସ୍ୟ ବେଣୁମାଧବ ତ୍ରିପାଠୀ ଛାତ୍ରଛାତ୍ରୀଙ୍କୁ ଅଧିକରୁ ଅଧିକ ଚାରା ଲଗାଇ ଓ ତା'ର ଯତ୍ନ ନେବାପାଇଁ ଉପଦେଶ ଦେଇଥିଲେ। ଇକୋ କ୍ଲବ ତରଫରୁ ଅଶୋକ ପରିଡ଼ାଙ୍କ ତତ୍ତ୍ୱାବଧାନରେ ଚାରା ଦିଆଯାଇଥିଲା। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରିୟଙ୍କା ଜେନା ସଭା ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ପ୍ରୀତି ପ୍ରସାଦ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ଟ୍ରଷ୍ଟି ସମ୍ପାଦକ ରାଜକିଶୋର ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦେବାଶିଷ ଦାସ, ସସ୍ମିତା ସାହୁ, ମାୟାକେଲ ଖାଲକୋ, ଶ୍ରୀମନ୍ତ ଦାସ, ସନ୍ତୋଷ ମହନ୍ତ ପ୍ରମୁଖ ସହଯୋଗ କରିଥିଲେ।

### ବାଦଲପଡ଼ା ବନ ସୁରକ୍ଷା ସମିତି

ସୁନ୍ଦରଗଡ଼ ସଦର ବନାଞ୍ଚଳ ସାଲେପାଲି ସେକ୍ସନ ଅନ୍ତର୍ଗତ ବଦଲାପଡ଼ା ବନ ସୁରକ୍ଷା ସମିତି ପକ୍ଷରୁ ବନ ମହୋତ୍ସବ ପାଳିତ ହୋଇଛି। ବନ ବିଭାଗ କର୍ମଚାରୀଙ୍କ ସହଯୋଗରେ ବନ ସୁରକ୍ଷା ସମିତି ପକ୍ଷରୁ ବିଭିନ୍ନ କିସମର ଚାରାରୋପଣ କରାଯାଇଥିଲା। ସମାରୋହରେ କୁଲଟା ସମିତି ସଭ୍ୟା ହରିପ୍ରିୟା ପଟେଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାରାରୋପଣ କରିବାକୁ ଉତ୍ସାହିତ କରିଥିଲେ। ବନ ସୁରକ୍ଷା ସମିତି ସଭାପତି ପ୍ରଦୀପ ବାଦଲ, ସାଲେପାଲି ବନପାଳ ସରିତା ଚୌଧୁରୀ, ବନପାଳ ଅମିତ କୁମାର ପଟେଲ, ହରିଲାଲ କିସାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



**ରଥାରୂଢ଼ ହେଲେ ତିନି ଠାକୁର**

## ରଥଯାତ୍ରା ପାଇଁ ଉତ୍ସବମୁଖର ସୁବର୍ଣ୍ଣପୁର



**ସୋନପୁର, ୭ ।୭ (ସମିସ):** ପବିତ୍ର ଘୋଷ ଯାତ୍ରା ପାଇଁ ଜଗନ୍ନାଥମୟ ହୋଇ ଯାଇଛି ମନ୍ଦିର ମାଳିନୀ ସହର ସୁବର୍ଣ୍ଣପୁର। ଉତ୍ସାହ ଉଦ୍ଦିପନା ସହ ବଡ଼ ଧୁମ୍‌ଧାମରେ ରଥଯାତ୍ରା ଆରମ୍ଭ ହୋଇଛି। ବିଧି ମୁତାବକ ତିନି ଠାକୁର ରଥାରୁଢ଼ ହୋଇଛନ୍ତି। ହରିବୋଲ ହୁଳହୁଳି ସହ ଘଣ୍ଟ ଘଣ୍ଟା ବାଦ୍ୟର ତାଳେ ତାଳେ ରାଜବାଟୀ ନିକଟସ୍ଥ ବଡ ଜଗନ୍ନାଥ ମନ୍ଦିରରୁ ତିନି ଠାକୁର ଦେଉଳରୁ ବାହାରି ଥିଲେ। ଧାର୍ଯ୍ୟ ସମୟ ଅନୁସାରେ ରବିବାର ସନ୍ଧ୍ୟାରେ ତିନି ଠାକୁରଙ୍କ ପହଣ୍ଡି ଅନୁଷ୍ଠିତ ହୋଇଥିଲା। ଭକ୍ତଙ୍କ ଭଜନ ଜଣାଣ ଓ ସଂକୀର୍ତ୍ତନରେ ଝୁଲି ଝୁଲି ତିନି ଠାକୁର ମଝିପଡ଼ା ନିକଟସ୍ଥ ରଥଖଳା ଯାଏ ଆସିଥିଲେ। ରଥଖଳାରେ ପୂର୍ବରୁ ପ୍ରସ୍ତୁତ ହୋଇଥିବା ସୁସଜ୍ଜିତ ରଥରେ ବିଜେ ହୋଇଥିଲେ ତିନି ଠାକୁର। ତେବେ ପରମ୍ପରା ଅନୁସାରେ ଅଳ୍ପବାଟ ରଥଟଣା ହୋଇଥିଲା। ପୁଣି ସୋମବାର ରଥଟଣା ହୋଇ ଗୁଣ୍ଡିଚା ମନ୍ଦିରରେ ଲଗାଯିବାର କାର୍ଯ୍ୟକ୍ରମ ରହିଛି। ସୋମବାର ସନ୍ଧ୍ୟାରେ ଗୁଣ୍ଡିଚା ମନ୍ଦିରକୁ ବିଜେ କରିବେ ତିନି ଠାକୁର। ବଡ଼ ଜଗନ୍ନାଥ ମନ୍ଦିରର ତିନି ଠାକୁର ବଡ଼ବଜାର ଗୁଣ୍ଡିଚା ମନ୍ଦିରକୁ ଘୋଷ ଯାତ୍ରାରେ ଯିବେ। ଗୁଣ୍ଡିଚା ମନ୍ଦିରର ଇଷ୍ଟଦେବ ପ୍ରଭୁ ନୃସିଂହଙ୍କ ସହ ତିନି ଠାକୁର ପୂଜା ପାଇବେ। ବିଭିନ୍ନ ଦିନରେ ଠାକୁରଙ୍କ ଭିନ୍ନ ଭିନ୍ନ ବେଶ ଅନୁଷ୍ଠିତ ହେବ। ତେବେ ସୋନପୁରର ଏକ ଅନନ୍ୟ ପରମ୍ପରା ହେଲା ପ୍ରଭୁ ନୃସିଂହଙ୍କ ସହ ତିନି ଠାକୁର ଏକାଠି ପୂଜା ପାଆନ୍ତି। ତେବେ ବଡ଼ ଜଗନ୍ନାଥଙ୍କ ସହ ଘୋଡାଘାଟପଡ଼ା ଦଧିବାମନ ଏବଂ ବଡ଼ବଜାର ବୃନ୍ଦାବନ ବିହାରୀ ମନ୍ଦିରରେ ମଧ୍ୟ ରଥଯାତ୍ରା ଅନୁଷ୍ଠିତ ହୋଇଛି। ଦଧିବାମନ ମନ୍ଦିରରୁ ତିନି ଠାକୁର ମଝିପଡ଼ା ରାମଜୀ ମନ୍ଦିରକୁ ଯାତ୍ରା କରନ୍ତି। ରାମଜୀ ମନ୍ଦିର ନିକଟସ୍ଥ ମନ୍ଦିରରେ ବିଭିନ୍ନ ବେଶରେ ଦର୍ଶନ ଦେବେ ତିନି ଠାକୁର। କେବଳ ସୋନପୁର ନୁହେଁ ଜିଲ୍ଲାର ବିଭିନ୍ନ ସହରରେ ରାଜା ରାଜୁଡ଼ା ଅମଳରୁ ଉତ୍ସାହ ଉଦ୍ଦିପନା ସହକାରେ ରଥଯାତ୍ରା ପାଳିତ ହୋଇଆସୁଛି।

● **ଭକ୍ତଙ୍କ ପାଇଁ ପାହାଡ଼ରୁ ଓହ୍ଲାଇ ଆସିଲେ ଠାକୁର**

## ପାତାଳି ଶ୍ରୀକ୍ଷେତ୍ରରେ ପ୍ରବଳ ଭିଡ଼

**ସୋନପୁର, ୭ ।୭ (ସମିସ):** ଶ୍ରୀଜୀଉଙ୍କ ଅନନ୍ୟ ଲୀଳାକ୍ଷେତ୍ର ସୁବର୍ଣ୍ଣପୁର ଜିଲ୍ଲାର ପାତାଳୀ ଶ୍ରୀକ୍ଷତ୍ରରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପାଳିତ ହୋଇଛି। ଭକ୍ତ ମାନଙ୍କ ପାଇଁ ପାହାଡ଼ ଉପରୁ ତଳକୁ ଓହ୍ଲାଇ ଆସିଛନ୍ତି ତିନି ଠାକୁର। ନିର୍ଦ୍ଧାରିତ ସମୟରେ ଶ୍ରୀଜଗନ୍ନାଥ ଭାଇ ଭଉଣୀଙ୍କ ସହ କୋଟସମଲାଇର ଛଳିଆପାହଡ଼ ଛାଡି ୧୦୮ ପାହାଚ ଓହ୍ଲାଇ ଠାକୁର ତଳକୁ ଆସିଛନ୍ତି। ପ୍ରାୟ ୨୦୦ ଫୁଟ ଉଚ୍ଚରେ ତିନି ଠାକୁରଙ୍କ ପହଣ୍ଡି ବିଜେର ଶୋଭା ଅନନ୍ୟ ଥିଲା। ପବିତ୍ର ପାହାଚରେ ଧାଡ଼ି ପହଣ୍ଡିରେ ବିଗ୍ରହମାନେ ଆସି ରଥାରୁଢ ହୋଇଥିଲେ। ରଥାରୁଢ଼ ଠାକୁରଙ୍କୁ ଦର୍ଶନ ପାଇଁ ପାତାଳୀ ଶ୍ରୀକ୍ଷେତ୍ରରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ୧୨ ବର୍ଷ ତଳେ ପୁରୀ ଶ୍ରୀମନ୍ଦିର ପ୍ରଶାସନ ପ୍ରଦାନ କରିଥିବା ତିନି ବିଗ୍ରହଙ୍କୁ ପାତାଳୀ ଶ୍ରୀକ୍ଷେତ୍ରର ଛଳିଆ ପାହଡରେ ପ୍ରତିଷ୍ଠା କରାଯାଇଥିଲା। ପୁରୀ ଗଜପତି ଦିବ୍ୟସିଂହ ଦେବଙ୍କ ଉପସ୍ଥିତିରେ ଶ୍ରୀଜଗନ୍ନାଥଙ୍କ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଥିଲା।ସେହିଦିନ ଠାରୁ ସୁବର୍ଣ୍ଣପୁର ଜିଲ୍ଲା କୋଟସମଲାଇର ପାତାଳୀ ଶ୍ରୀକ୍ଷେତ୍ରରେ ଶ୍ରୀମନ୍ଦିର ରୀତି ନୀତି ଅନୁସାରେ ରଥଯାତ୍ରା ପାଳନ କରାଯାଉଛି।



**ବୌଦ୍ଧର ପ୍ରସିଦ୍ଧ ରଥଯାତ୍ରା**

# ଛୋଟ ପିଲାଙ୍କୁ ରଥଛୁଆଁ ବୌଦ୍ଧରେ ନିଆରା





**ବୌଦ୍ଧ, ୭ ।୭ (ସମିସ)**

ବୌଦ୍ଧ ସହରର ବିରାଜିତ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ପବିତ୍ର ରଥଯାତ୍ରା ଆଜି ମହାସମାରୋହରେ ପାଳିତ ହୋଇଯାଇଛି। ଆଜି ନେତ୍ର ଉତ୍ସବ ଓ ଘୋଷଯାତ୍ରା ଗୋଟିଏ ଦିନରେ ପଡୁଥିବାରୁ ସକାଳ ୯ଟା ସୁଦ୍ଧା ନେତ୍ର ଉତ୍ସବ ଓ ସାଢେ ୯ ଟାରେ ନବଯୌବନ ଦର୍ଶନ ନୀତି ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ତିନିଠାକୁରଙ୍କ ପୂଜା, ନୀତିକାନ୍ତି ସରିବା ପରେ ମନ୍ଦିର ପରିସରରୁ ଶ୍ରୀଜୀଉମାନଙ୍କୁ ଅଣାଯାଇଥିଲା। ବ୍ରାହ୍ମଣ ସେବାୟତମାନେ ପୂର୍ବାହ୍ନରେ ଧାଡି ପହଣ୍ଡି ପାଇଁ ଶ୍ରୀଜୀଉମାନଙ୍କୁ ପ୍ରସ୍ତୁତ ରଖିଥିଲେ। ସହରର ପୋଡ଼ାପୋଡା, ନୂଆସାହି ଓ ପ୍ରଶାସନ ତରଫରୁ ତିନିଠାକୁରଙ୍କ ପାଇଁ ଟାହିଆ ଆସିବା ପରେ ଠାକୁର ମାନଙ୍କୁ ଲାଗି କରାଯାଇ ପହଣ୍ଡିକରି ରଥଖଳାକୁ ଅଣାଯାଇଥିଲା। ରଥ ଚତୁଃପାଶ୍ୱର୍ରେ ବ୍ରାହ୍ମଣ ସମାଜ ତରଫରୁ ଶ୍ରୀଜୀଉମାନଙ୍କୁ ପହଣ୍ଡି କରାଯାଇ ରଥ ଚତୁଃପାର୍ଶ୍ୱରେ ପରିକ୍ରମା କରାଯାଇଥିଲା। କେଉଟସାହି, କାଲେଶ୍ୱର ଓ ନୂଆସାହିର ନାମ ସଂକୀର୍ତ୍ତନ୍ୟ ଦଳ ନାମ ସଂକୀର୍ତ୍ତନ କରି ତିନି ଠାକୁରଙ୍କୁ ପହଣ୍ଡି ବିଜେ କରାଇଥିଲେ। ଘଣ୍ଟଧ୍ୱନି, ହୁଳହୁଳି, ହରିବୋଲରେ ଚାରିଆଡ ପ୍ରକମ୍ପିତ ହୋଇଉଠିଥିଲା। ଶ୍ରୀଜିଉମାନଙ୍କ ପହଣ୍ଡିର ଦୃଶ୍ୟ ଅତ୍ୟନ୍ତ ମନୋରମ ଥିଲା। ପହଣ୍ଡି ସମୟରେ ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ ଶ୍ରୀଜୀଉଙ୍କୁ ପୂଜାର୍ଚ୍ଚନା ଓ ଦର୍ଶନ କରି ପ୍ରଭୁକୃପା ଲାଭ



କରିଥିଲେ। ପରେ ଶ୍ରୀଜୀଉମାନଙ୍କୁ ରଥାରଢ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ବୌଦ୍ଧର ରାଜା ଦେବେନ୍ଦ୍ର ପ୍ରସାଦ ଦେବ ଛେରାପହଁରା କରିବାପରେ ପରମ୍ପରା ଅନୁଯାୟୀ ଛୋଟ ଛୁଆମାନଙ୍କୁ ରଥଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଛୋଟ ଛୁଆଙ୍କୁ ଏଠାରେ ପାରମ୍ପରିକ ଭାବେ ରଥ ଛୁଆଁ କରାଯାଏ। ରଥ ଛୁଆଁ ଦ୍ୱାରା ସର୍ବମଙ୍ଗଳ ହୁଏ ବୋଲି ଏଠାରେ ବିଶ୍ୱାସ ରହିଛି। ଏହାପରେ ସନ୍ଧ୍ୟାରେ ରଥଟଣା ଆରମ୍ଭ ହୋଇଥିଲା।

ଜିଲ୍ଲା ପ୍ରଶାସନ ତରଫରୁ ଉପ-ଜିଲ୍ଲାପାଳ ତଥା ଦେବୋତ୍ତର ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ। ମହାପ୍ରଭୁଙ୍କ ଏହି ଘୋଷଯାତ୍ରାକୁ ଦେଖିବାପାଇଁ ଜିଲ୍ଲାରୁ ତଥା ଆଖପାଖ ଅଞ୍ଚଳରୁ ହଜାର ହଜାର ସଂଖ୍ୟାରେ ଭକ୍ତଙ୍କ ସୁଅ ଛୁଟିଥିଲା। ସେହିପରି ହରିଗୁଡି ରଥକୁ ମହିଳାମାନେ ଟାଣୁଥିବା ଦେଖିବାକୁ ମିଳିଥିଲା। ଘୋଷକ ଭାବେ ଇଂ. ସଞ୍ଜୟ କୁମାର ପଣ୍ଡା, ସତ୍ୟନାରାୟଣ ପାଣି, ସୁଶାନ୍ତ ମହାପାତ୍ର, ରମେଶ ମେହେର, ପ୍ରତାପ ରଥ, ଚନ୍ଦ୍ରକାନ୍ତ ନାୟକ ପ୍ରମୁଖ ଧାରାବିବରଣୀ ପ୍ରଦାନ କରିଥିବାବେଳେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୀତାକାନ୍ତି ବଳିଆର ସିଂ ସମସ୍ତ ଧାରାବିବରଣୀ ଦାୟିତ୍ୱ ତୁଲାଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା।

## କଣ୍ଟାମାଳ ବ୍ଲକର ବିଭିନ୍ନ ସ୍ଥାନରେ ରଥଯାତ୍ରା



**ଶଗଡ଼ା, ୭ ।୭ (ସମିସ):** କଣ୍ଟାମାଳ ବ୍ଲକର ବିଭିନ୍ନ ସ୍ଥାନରେ ରଥଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସେବାୟତମାନେ ଜଗତର ନାଥ ଜଗନ୍ନାଥ, ବଡ଼ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ପହଣ୍ଡି କରି ରଥାରୂଢ଼ କରିଥିଲେ। ରଥରେ ପୂଜାର୍ଚ୍ଚନା ପରେ ଶତାଧିକ ଭକ୍ତ ରଥଟାଣି ଥିଲେ। କଣ୍ଟାମାଳ ବ୍ଲକର ଘଣ୍ଟାପଡ଼ା, ଆମ୍ବାଗାଁ, କଣ୍ଟାମାଳ, ପଲସାଗୋରା, ଲୋକାପଡ଼ା, ଗୁଡ଼ଭେଲି ପଦର, ମନମୁଣ୍ଡା, ପଦରପଡ଼ା, ଗବଯୋର ଆଦି ଗ୍ରାମରେ ରଥଯାତ୍ରା ବେଶ୍ ଧୁମ୍‌ଧାମରେ ପାଳିତ ହୋଇଛି। ଅନେକ ସ୍ଥାନରେ ଭିଡ଼କୁ ଦେଖି ସ୍ଥାନୀୟ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ରଥରୁ ପହଣ୍ଡି କରି ତିନିଠାକୁରଙ୍କୁ ମାଉସି ମା' ମନ୍ଦିର ପର୍ଯ୍ୟନ୍ତ ନିଆ ଯାଇଥିଲା।

## ପଲଶାଗୋରାରେ ରଥଯାତ୍ରା

**ପଲଶାଗୋରା:** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲଶାଗୋରାଠାରେ ରଥଯାତ୍ରା ଅନୁଷ୍ଠିତ ହୋଇଛି। ଅପରାହ୍ନରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପହଣ୍ଡିରେ ଆଣି ରଥାରୁଢ଼ କରାଯାଇଥିଲା। ପହଣ୍ଡିରେ ନୀଳମଣି ପଣ୍ଡା, ରଞ୍ଜନ ପଣ୍ଡା, ଆଲୋକ ପଣ୍ଡା, ରାଜେଶ ରଥ, ସମୀର ପଣ୍ଡା ଓ ଅନ୍ୟମାନେ ସହଯୋଗ କରିଥିଲେ। ରବିନାରାୟଣ ଶତପଥୀ ପହଣ୍ଡି ଗୀତ ଗାଇଥିଲେ। ପୂଜକ ଦାୟିତ୍ୱରେ ମନୋଜ ମହାନ୍ତି, ଦାଶରଥି ଶତପଥୀ, ବନମାଳୀ ପ୍ରହରାଜ ପୂଜାକାର୍ଯ୍ୟ କରିଥିଲେ।

## ବୀରମହାରାଜପୁରରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା



**ବୀରମହାରାଜପୁରି, ୭ ।୭ (ସମିସ):** ବୀରମହାରାଜପୁରରେ ରଥଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି। ବିଷ୍ଣୁ ଚରଣ ପଣ୍ଡା ଛେରା ପ୍ରହରା କରିଥିବାବେଳେ, ମୁଖ୍ୟ ବାଡ଼ଗ୍ରାହୀ ଭଗବାନ ମିଶ୍ର, ଶମ୍ଭୁ ପ୍ରସାଦ ହୋତା, ମନରଞ୍ଜନ ଦାଶ, ମାଗୁଣି ଦାଶ, ଯୁଗଳ କିଶୋର ମିଶ୍ର, ରଞ୍ଜିତ କୁମାର ରଥ, ଶ୍ରୀନିବାସ ନାୟକ, ସନ୍ୟାସୀ ଶତପଥୀ, ବିଜୟ ତ୍ରିପାଠୀ, ସତ୍ୟବ୍ରତ ମିଶ୍ର, ବେଣୁଧର ଦାଶ, ଲଳିତ କୁମାର କର, ଗିରିଧାରୀ ହୋତା, ଗଣେଶ ହୋତା, ନରେନ୍ଦ୍ର କୁମାର ଚାନ୍ଦ, ଦ୍ୱିତିକୃଷ୍ଣ ପଣ୍ଡା, ଦାମ ମିଶ୍ର, ସୁଦାମ ଚରଣ ସେଠୀ, ଦିଲୀପ ପଧାନ, ସୁରୁ ମଲ୍ଲିକ, ଜମେଶ୍ୱର ପଧାନ, ସୁରେଶ ସାମଲଙ୍କ ସମେତ ଶତାଧିକ ସେବକ ରଥଯାତ୍ରାରେ ସାମିଲ ହୋଇଥିଲେ। ସୁଭଦ୍ରା ରଥକୁ ମହିଳା ଭକ୍ତ ଟାଣିଥିଲେ। ଭୂଷଣ କୁମାର ପାତ୍ର ଏବଂ ରାମକୃଷ୍ଣ ହୋତା ଧାରା ବିବରଣୀ ପ୍ରଦାନ କରିଥିଲେ।

## ସାଇକଲକୁ ଧକ୍କାଦେଇ ବାଇକ୍ ଦୁର୍ଘଟଣାଗ୍ରସ୍ତ

● **ଦୁଇ ଶିଶୁଙ୍କ ସହ ଚାଳକ ଗୁରୁତର**

**ବୌଦ୍ଧ, ୭ ।୭ (ସମିସ):** ରବିବାର ଅପରାହ୍ଣରେ ଜାତୀୟ ୫୭ ନଂ ରାଜପଥର ବୌଦ୍ଧ ଥାନା ଲାଣ୍ଡିବନ୍ଧ ଗ୍ରାମନିକଟରେ ଏକ ସାଇକଲକୁ ଧକ୍କା ଦେଇ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାଫଳରେ ବାଇକ୍‌ରେ ବସିଥିବା ଦୁଇ ଜଣ ଶିଶୁଙ୍କ ସମେତ ବାଇକ୍ ଚାଳକ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ ହରଭଙ୍ଗା ଥାନା ଭେଜିଗୋରା ଗ୍ରାମର ରୋହିତ ଭୋକ୍ତା ନିଜ ପତ୍ନୀଙ୍କ ସହ ଏକ ବର୍ଷର ପୁଅ ଓ ବଡ଼ବନ୍ଧ ଗ୍ରାମର ସମ୍ପର୍କୀୟ ମହିଳାଙ୍କ ସହ ମହିଳାଙ୍କ ୪ ବର୍ଷର ଝିଅକୁ ଗୋଟିଏ ବାଇକରେ ମୋଟ୍ ୫ ଜଣ ବସି ବୌଦ୍ଧକୁ ରଥଯାତ୍ରା ଦେଖିବା ପାଇଁ ଆସୁଥିଲେ। ଲାଣ୍ଡିବନ୍ଧ ଗ୍ରାମ ନିକଟରେ ହଠାତ୍ ଏକ ସାଇକେଲ ବାଇକ ଆଗକୁ ଚାଲି ଆସିବାରୁ ସାଇକଲ ଓ ବାଇକ ମଧ୍ୟରେ ଧକ୍କା ହୋଇଥିଲା। ସାଇକଲ ଆରୋହୀ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ବାଇକ୍‌ର ସମସ୍ତ ୫ ଆରୋହୀ ଛିଟିକି ପଡ଼ିଥିଲେ। ଫଳରେ ଉଭୟ ଶିଶୁ ଓ ବାଇକ ଚାଳକ ଗୁରୁତର ଆହତ ହୋଇଥିବାବେଳେ ଦୁଇ ମହିଳା ଅଳ୍ପକେ ବର୍ତ୍ତି ଯାଇଥିଲେ। ସେହି ସମୟରେ ରାସ୍ତାରେ ବୌଦ୍ଧ ଫେରୁଥିବା ବୀରନରସିଂହପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକ ନବକିଶୋର ଦୀପ ଆହତଙ୍କୁ ଉଦ୍ଧାର କରି ନିଜ କାର୍‌ରେ ବସାଇ ବୌଦ୍ଧ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ

## ଲୋକଙ୍କୁ ଆକ୍ରମଣ କରୁଥିବା ଗାଈର ମୃତ୍ୟୁ

**ବୌଦ୍ଧ, ୭ ।୭ (ସମିସ):** ବୌଦ୍ଧ ଥାନା ଗମ୍ଭାରୀପଦର ଗ୍ରାମରେ ଆତଙ୍କ ସୃଷ୍ଟି କରୁଥିବା ଗାଈ ଡ୍ରେନ୍‌ରେ ପଡ଼ିଯିବାରୁ ତାର ମୃତ୍ୟୁ ଘଟିଛି। ଗ୍ରାମର ଜଗବନ୍ଧୁ ସାଣ୍ଢଙ୍କ ଏକ ଗାଈ ଶନିବାରଠାରୁ ଅସ୍ୱାଭାବିକ ଭାବେ ଲୋକଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରୁଥିଲା। ଗାଈ ଆକ୍ରମଣରେ କିଛି ବ୍ୟକ୍ତି ଆହତ ମଧ୍ୟ ହୋଇଥିଲେ। ଫଳରେ ଲୋକେ ଗତକାଲି ଠାରୁ ଭୟଭୀତ ହୋଇ ଘର ଭିତରେ ରହିଥିଲେ। ରବିବାର ସକାଳେ ଗାଈଟି ଗ୍ରାମର ଡ୍ରେନ୍ ଭିତରେ ପଡ଼ିଯାଇ ମୃତ୍ୟୁବରଣ କରିଛି। ଗାଈଟି ଜଳାନ୍ତକ ରୋଗର ଶିକାର ହୋଇଥିବା ଓ କୌଣସି ଖାଦ୍ୟ ଗ୍ରହଣ ନ କରି ଅସ୍ୱାଭାବିକ ଆଚରଣ କରିବା ସହ ମଣିଷଙ୍କୁ ଆକ୍ରମଣ କରୁଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି।

## ଚୋରା ପାଇପ୍ ବୋଝେଇ ଟ୍ରକ୍ ଜବତ; ଜଣେ ଗିରଫ

**ଡୁଙ୍ଗୁରିପାଲି, ୭ ।୭ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଅଧୀନ ଗମ୍ଭାରୀପାଲି ଅଞ୍ଚଳରୁ ୨୨ଟି ଚୋରା ପାଣି ପାଇପ ଚାଲାଣ ହେଉଥିବାବେଳେ ପୁଲିସ ଜବତ କରିଛି। ଟ୍ରକ୍‌କୁ ଅଟକ ରଖିବା ସହ କୋଲକାତା ଦୁର୍ଗାପୁର ଥାନା ପଶ୍ଚିମ ବାତଧାମନର ବାଲେଶ୍ୱର ସିଂଙ୍କ ପୁତ୍ର ବିନୋଦ ସିଂକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଚୋରା ପାଇପ ଗୁଡ଼ିକ ଗମ୍ଭାରୀପାଲି ଆଖପାଖରୁ ଚୋରିକରି ଚାଲାଣ ହେଉଥିବା ପୁଲିସ ସୂଚନା ଦେଇଛି। ଏଥିରେ ଆହୁରି ୩ ରୁ ୫ ଜଣ ସମ୍ପୃକ୍ତ ଥିବା ଜଣାପଡ଼ିଛି।

## ସେଣ୍ଟ୍ ଜାଭିୟର୍ସ ପବ୍ଲିକ୍ ସ୍କୁଲରେ ବନ ମହୋତ୍ସବ

**ବୌଦ୍ଧ, ୭ ।୭ (ସମିସ):** ବୌଦ୍ଧ ସେଣ୍ଟ ଜାଭିୟର୍ସ ପବ୍ଲିକ ସ୍କୁଲ ପରିସରରେ ଅଧକ୍ଷା ସସ୍ମିତା ସେନାପତିଙ୍କ ତତ୍ତ୍ୱାବଧାନରେ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଗାଇଡ୍ସ କ୍ୟାପଟେନ ଚନ୍ଦ୍ରମା ଯୋଶୀ ଏବଂ ଇକୋ କ୍ଲବ୍ ଶିକ୍ଷୟିତ୍ରୀ ସୌଦାମିନୀ ଗୌଡ଼ଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ବନମହୋତ୍ସବର ଗୁରୁତ୍ୱ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ବିଦ୍ୟାଳୟର ଉପାଧ୍ୟକ୍ଷ ସତ୍ୟନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।





## ଶବର ସମାଜର ନୀଳମାଧବ ପୂଜା

**ଘଣ୍ଟାପଡ଼ା, ୭ ।୭ (ସମିସ)**

କଣ୍ଟାମାଳ ବ୍ଲକ ବରଗାଁ ପଞ୍ଚାୟତ ଅଧୀନ ସୌରୀବେଙ୍ଗେସ ଗ୍ରାମରେ ନୀଳମାଧବ ଆଞ୍ଚଳିକ ପୂଜା କମିଟି ପକ୍ଷରୁ ପ୍ରଭୁ ନୀଳମାଧବଙ୍କ ପୂଜନୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଛି। ସବର(ସଉରା) ସମାଜର ପୂଜକ କୃଷ୍ଣଚନ୍ଦ୍ର ଭୋଇଙ୍କ ଦ୍ୱାରା ରୀତିନୀତି ଅନୁସାରେ ପୂଜାକାର୍ଯ୍ୟ ସମାପନ କରାଯାଇଥିଲା। ଉକ୍ତ ପୂଜାରେ ଲଳିତ ଭୋଇ କର୍ତ୍ତା ଦାୟିତ୍ୱ ତୁଲାଇ ଥିଲେ। ପୂଜା କମିଟି ସଭାପତି ନବଘନ ଭୋଇ, ସମ୍ପାଦକ ବିସିକେଶନ ନାଏକ, ପୁରୁଷୋତ୍ତମ ବିଶ୍ୱାଳ, ସତ୍ୟବନ୍ତ ଭୋଇ, କବିବନ୍ତ ଭୋଇ, ହେମନ୍ତ ଭୋଇ, ଶ୍ରୀବତ୍ସ କତୁଆ, ଜୟଲାଲ ଭୋଇ, ଗୋକୁଳ ଭୋଇ, ଗରୁଡଧ୍ୱଜ ଭୋଇ, ଶ୍ୟାମଲାଲ ଭୋଇ, ଶ୍ରୀବତ୍ସ ଭୋଇ, ଚିନ୍ତାମଣି ନାଏକ, କ୍ଷେତି ବୁଡ଼ାଏକ ପ୍ରମୁଖ ସଦସ୍ୟ ସହଯୋଗ କରିଥିଲେ। ସବର ସମାଜର ଅଠର ଖଣ୍ଡ ଗ୍ରାମବାସୀ ଉପସ୍ଥିତ ଥିଲେ। ଏହି ଅବସରରେ ପଣ୍ଡରାପିଟା ଏବଂ ମରାଢୁଗୁଛା ସଂକୀର୍ତ୍ତନ ମଣ୍ଡଳୀକୁ ନେଇ ପ୍ରଭୁ ନୀଳମାଧବଙ୍କ ଜନ୍ମଠାରୁ ଜଗନ୍ନାଥ ଧାମ ବୃତ୍ତାନ୍ତ ବିଷୟବସ୍ତୁ ଆଧାରିତ ବୈଠକି ସଂକୀର୍ତ୍ତନ ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ନାରାୟଣପ୍ରସାଦ ପଞ୍ଚାୟତ ସରପଞ୍ଚ ପ୍ରତିନିଧି ସତ୍ୟନାରାୟଣ ମାଝୀ ଏବଂ ବରଗାଁ ପଞ୍ଚାୟତ ସରପଞ୍ଚ ପ୍ରତିନିଧି ପିନାକ ରଣା ଅତିଥି ଭାବେ ଯୋଗ ଦେଇଥିଲେ।

## ବ୍ଲକ୍‌ସ୍ତରୀୟ ମାସିକ ପ୍ରଧାନଶିକ୍ଷକ ସମ୍ମିଳନୀ



**କଣ୍ଟାମାଳ, ୭ ।୭ (ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ କୁଲୁତାଯୋର ପଞ୍ଚାୟତର ନୂଆଁପାଲି ଆଦିବାସୀ ହାଇସ୍କୁଲରେ ବ୍ଲକସ୍ତରୀୟ ପ୍ରଧାନଶିକ୍ଷକ ମାସିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। କଣ୍ଟାମାଳ ଗୋଷ୍ଠୀ ଶିକ୍ଷାଧିକାରୀ ସନୋଜ କୁମାର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସମ୍ମିଳନୀରେ ବାର୍ଷିକ ପରୀକ୍ଷାଫଳର ସମୀକ୍ଷା ଓ ଆଗାମୀ ଦିନର ଶିକ୍ଷାର କାର୍ଯ୍ୟପନ୍ଥା ଉପରେ ଆଲୋଚନା କରିଥିଲେ। ସେହିପରି ଘଣ୍ଟାପଡ଼ା ସମଲେଶ୍ୱରୀ ସରକାରୀ ହାଇସ୍କୁଲର ପ୍ରଧାନଶିକ୍ଷକ ପିତବାସ ପଣ୍ଡା ସମ୍ମିଳନୀରେ ବିଦ୍ୟାଳୟର ବିଭିନ୍ନ ବିଷୟରେ ଉପରେ ଆଲୋକପାତ କରିଥିଲେ। ସହକାରୀ ଶିକ୍ଷକ ଜବର ସିଂ ବନଛୋର, ଶଶୀଭୂଷଣ ପ୍ରଧାନ ଓ ସତ୍ୟ ବାଘଙ୍କ ତତ୍ତ୍ୱାବଧାନରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ହୋଇଥିଲା। ଇ-ଲାଇବ୍ରେରୀ, କମ୍ପ୍ୟୁଟର ହଲ, ବିଜ୍ଞାନ ପରିକ୍ଷାଗାର, ସ୍ମାର୍ଟବୋର୍ଡ ସହ ଶ୍ରେଣୀ କୋଠରୀ, ଶୌଚାଳୟ ଆଦି ବୁଲି ଦେଖିଥିଲେ।

## ତୁଳସୀକ୍ଷେତ୍ରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ

# ଘୁଞ୍ଚିଲାନି ରଥ; ଭାଙ୍ଗିଲା ଶହ ଶହ ବର୍ଷର ପରମ୍ପରା









**କେନ୍ଦ୍ରାପଡ଼ା, ୭।୭ (ସମିସ):** ତୁଳସୀକ୍ଷେତ୍ରରେ ରଥରେ ଭଗବାନଙ୍କୁ ଦର୍ଶନ କରିବାକୁ ଆଜି ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହୋଇଛି। ନେତ୍ର ଉତ୍ସବ ଓ ଗୁଣ୍ଡିଚା ଏକାଦିନରେ ପଡୁଥିବାରୁ ମହାପ୍ରଭୁଙ୍କ ଅନେକ ନୀତି ହୋଇପାରିନି। ନୀତି ସରୁ ସରୁ ସନ୍ଧ୍ୟା ହୋଇଯିବାରୁ ରଥ ପାଦେ ମଧ୍ୟ ଘୁଞ୍ଚିପାରିନି। ଫଳରେ ବର୍ଷ ବର୍ଷର ପରମ୍ପରା ଭଙ୍ଗ ହୋଇଥିବା ନେଇ ସେବାୟତମାନେ କ୍ଷୋଭ ପ୍ରକାଶ କରିଛନ୍ତି। ପ୍ରଥମ ଦିନ ଗୁଣ୍ଡିଚାରେ ମହାପ୍ରଭୁ ବିରାଜିତ ବ୍ରହ୍ମ ତାଳଧ୍ୱଜ ରଥ ପାହୁଲେ ଆଗକୁ ଯିବାର ପରମ୍ପରା ଥିଲେ ସୁଦ୍ଧା ଗତବର୍ଷ ଭଳି ଚଳିତବର୍ଷ ମଧ୍ୟ ବ୍ରହ୍ମ ତାଳଧ୍ୱଜ ରଥ ଗଡିଲା ନାହିଁ। ଦେବୋତ୍ତର ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଅଟକିବାର ପରମ୍ପରା ଅନୁଯାୟୀ ମହାବାହୁଙ୍କ ସମେତ ମହାପ୍ରଭୁ ଏବଂ ସୁନାନାକୀ ଆଜି ରାତ୍ରି ରହଣୀ କରିଥାନ୍ତେ। ହେଲେ ପୁଣିଥରେ ଏହି ପ୍ରଥା ଓ ପରମ୍ପରା ଭାଙ୍ଗିଛି। ପ୍ରଶାସନିକ ଅବହେଳା, ଦେବୋତ୍ତର ବିଭାଗର ମନମାନୀ ଏବଂ ସେବାୟତ ମାନଙ୍କର ଅଘୋଷିତ ଅସହଯୋଗ କାରଣରୁ ଘୋଷଯାତ୍ରାର ପ୍ରଥମ ଦିନରେ ରଥ ଗଡି ପାରିଲା ନାହିଁ। ଗୋଟି ପହଣ୍ଡି ନାଗ ସଦୃଶ ଚାଲିରେ ଝୁଲିଝୁଲି ରଥାରୂଢ ହୋଇଥିଲେ କନ୍ଦରାସୁର ବଦ୍ଧକାରୀ ମହାପ୍ରଭୁ ଶ୍ରୀ ବଳଦେବଜୀୟୁଙ୍କ ସମେତ ଜଗତର ନାଥ ଜଗନ୍ନାଥ, ଦେବୀ ସୁଭଦ୍ରା ଏବଂ ଶ୍ରୀ ସୁଦର୍ଶନ। ପରମ୍ପରା ଓ ପ୍ରଥା ଅନୁଯାୟୀ ପ୍ରଥମ ଦିନରେ ଦେବୋତ୍ତର କାର୍ଯ୍ୟାଳୟ ଭିତରେ ଥିବା ଶ୍ରୀ ରଘୁନାଥଜିୟୁ ରଥାରୂଢ ଶ୍ରୀଜୀଉମାନଙ୍କର ସନ୍ଧ୍ୟା ଆଳତୀ କରିଥାନ୍ତି। ତେବେ ଆଜି ପହଣ୍ଡି ନୀତିରେ ବିଳମ୍ବ ହେବାରୁ ଶ୍ରୀଜୀଉଙ୍କ ପ୍ରଥମ ଦିନରେ ରଥ ଗଡିବ କି ନା ସେବାୟତଙ୍କ ଠାରୁ ଆରମ୍ଭ କରି ଭକ୍ତ ସମୁଦାୟ ସେନେଇ ସନ୍ଦିହାନ ହୋଇପଡ଼ିଥିଲେ। ପରେ ସୂର୍ଯ୍ୟାସ୍ତ ହୋଇ ଯାଇଥିବାରୁ ରଥ ଗଡିବ ନାହିଁ ବୋଲି କୁହାଯିବାରୁ ଭକ୍ତଙ୍କ ମହଲରେ ଅସନ୍ତୋଷ



ଦେଖାଦେଇଛି। ଧାଡି ପହଣ୍ଡିରେ ବ୍ରହ୍ମ ତାଳଧ୍ୱଜ ରଥକୁ ବିଜେ କରିଥିଲେ ମଣିବିଗ୍ରହ ପ୍ରତିମା ବଡବାଡ ସାଆନ୍ତ ମହାପ୍ରଭୁ ବଳଦେବଜୀଉ, ଭଗିନୀ ସୁଭଦ୍ରା, ଜଗତର ନାଥ ଜଗନ୍ନାଥ ଏବଂ ଶ୍ରୀ ସୁଦର୍ଶନ। ହଟିଆ ଠାକୁର ସାଙ୍ଗରେ ଭାଇ ଭଉଣୀକୁ ନେଇ ରତ୍ନ ସିଂହାସନରୁ ଓହ୍ଲାଇ ଜନ୍ମବେଦୀକୁ ନ'ଦିନ ଧରି ଯାଉଥିବା ବେଳେ ଆଜି ଶ୍ରୀକ୍ଷେତ୍ରରେ ରଥ ଟଣା ଶେଷ ହେବାର ପରମ୍ପରା ଥିବାରୁ ପରଦିନ ଅର୍ଥାତ ଆସନ୍ତାକାଲି ପରମ୍ପରା ଅନୁଯାୟୀ ବଡଭାଇ ତୁଳସୀକ୍ଷେତ୍ର ଅଧିପତି ବଳଦେବଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥ ଗୁଣ୍ଡିଚା ମନ୍ଦିରରେ ପହଞ୍ଚିବେ। ଲୋକ ଶ୍ରୁତି ଅଛି ଯେ, ପୂର୍ବରୁ ପୁରୀରେ ରଥ ଟଣାସରିବା ପରେ ତୁଳସୀକ୍ଷେତ୍ରରେ ବ୍ରହ୍ମ ତାଳଧ୍ୱଜ ରଥକୁ ଟାଣିବା ପାଇଁ ଗଜପତି ପହଞ୍ଚିଥାନ୍ତି। ଅନ୍ୟଏକ ବିଶ୍ୱାସ ଅନୁଯାୟୀ, ଶ୍ରୀକ୍ଷେତ୍ର ପୁରୀରେ ରଥ ଟାଣିବା ପରେ କେନ୍ଦ୍ରାପଡ଼ା ଇଚ୍ଛାପୁରର ବଳଦେବଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥ ଟାଣିଲେ କୋଟି ପୁଣ୍ୟ ଫଳ ମିଳିଥାଏ। ଯେଉଁଥିପାଇଁ କେନ୍ଦ୍ରାପଡା ତୁଳସୀକ୍ଷେତ୍ରରେ ଶ୍ରୀଗୁଣ୍ଡିଚା ଦୁଇଦିନ ପାଳିତ ହୋଇଥାଏ। ତେବେ ଆଜି ଶ୍ରୀଜୀଉମାନଙ୍କ ପହଣ୍ଡି ବିଜେ ସମୟ ଅପରାହ୍ନ ୨ଟା ସ୍ଥିର ହୋଇଥିଲେ ମଧ୍ୟ ସେବାୟତମାନେ ମଣି ବିଗ୍ରହଙ୍କୁ ଅପରାହ୍ନ ସାଢେ ୪ଟାରେ ସେନାପଟା ଲାଗି କରି ଧାଡି ପହଣ୍ଡିରେ ରଥକୁ ଆଣିଥିଲେ। ସନ୍ଧ୍ୟାରେ ଶ୍ରୀଜୀୟୁ ମାନେ ରଥାରୂଢ ହୋଇଥିବା ବେଳେ ଅଶ୍ୱ ଲାଗି, ଛେରା ପହଁରା ନୀତି ସମାପନ ହୋଇଥିଲେ ହେଁ ସନ୍ଧ୍ୟା ସମୟ ହୋଇଯିବା ଏବଂ ସୂର୍ଯ୍ୟାସ୍ତ ହେବାରୁ ରଥକୁ ଟଣା ଯାଇନଥିଲା ଯାହାକି ବର୍ଷ ବର୍ଷର ପରମ୍ପରାକୁ ପୁଣି ଭାଙ୍ଗିଥିଲା। ତେବେ ଗତକାଲି ଅଣସର ଶେଷ ହେବା ପରେ ଆଜି ଗୋଟିଏ ଦିନରେ ମହାପ୍ରଭୁ ରୋହିଣୀ ନନ୍ଦନ ଶ୍ରୀ ବଳଦେବଜୀୟୁଙ୍କ ନେତ୍ରୋତ୍ସବ ଥିବା ବେଳେ ମଣି ବିଗ୍ରହଙ୍କୁ ପହଣ୍ଡି ସମୟରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଦର୍ଶନ କରିଥିଲେ। ଆଜି ସକାଳୁ ନୀତିକାନ୍ତିରେ ବିଳମ୍ବ ଲକ୍ଷ୍ୟ କରାଯାଇଥିଲା। ନିର୍ଦ୍ଧାରିତ ସମୟ ସକାଳ ୬ ରୁ ୭ଟା ମଧ୍ୟରେ ଜୟ ମଙ୍ଗଳା ଆଳତୀ ନୀତି, ସକାଳ ୮ରୁ ପୂର୍ବାହ୍ନ ୯ଟା ମଧ୍ୟରେ ନୀତି ସ୍ନାନ ବଲ୍ଲଭ, ଖେଚୁଡ଼ି ଧୂପ ପୂର୍ବାହ୍ନ ୯ ରୁ ୧୦ଟା, ସେନାପଟା ଲାଗି ସମୟ ପୂର୍ବାହ୍ନ ୧୧ରୁ ମଧ୍ୟାହ୍ନ ୧୨ଟା କରାଯିବା ପରେ ମଙ୍ଗଳାର୍ପଣ ସମୟ ମଧ୍ୟାହ୍ନ ୧୨ରୁ ୧ଟା ମଧ୍ୟରେ ସ୍ଥିର କରାଯାଇଥିବା ବେଳେ ଏହା ହୋଇ ପାରିନଥିଲା। ଶ୍ରୀଜୀଉ ମାନଙ୍କୁ ରଥ ଉପରକୁ ଅପରାହ୍ନ ସାଢେ ୫ ଘଟିକା ମଧ୍ୟରେ କରାଯାଇଥିବା ବେଳେ ସୂର୍ଯ୍ୟାସ୍ତ କାରଣରୁ ଆଗକୁ ଗଡ଼ି ପାରିନଥିଲା ରଥ। ଆସନ୍ତାକାଲି ଅର୍ଥାତ ଶ୍ରୀଗୁଣ୍ଡିଚାର ଦ୍ୱିତୀୟ ଦିନରେ ରଥ ମାଉସୀ ମା' ମନ୍ଦିରକୁ ନିଆଯିବ ବୋଲି ଦେବୋତ୍ତର ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଶ୍ରୀକ୍ଷେତ୍ର ପରମ୍ପରା ଅନୁଯାୟୀ କେନ୍ଦ୍ରାପଡା ତୁଳସୀକ୍ଷେତ୍ରରେ ଦ୍ୱିତୀୟ ଦିନରେ ରଥ ଚକଡ଼ା ଲାଗିଥାଏ। ତେବେ ଗତବର୍ଷ ବ୍ରହ୍ମ ତାଳଧ୍ୱଜ ରଥ ପ୍ରଥମ ଦିନ ଗଡି ପାରିନଥିବା ବେଳେ ୨୦୨୨ ମସିହାରେ ମାଉସୀ ଘରେ ପହଞ୍ଚିବା ପାଇଁ ବ୍ରହ୍ମ ତାଳଧ୍ୱଜ ରଥକୁ ଦୀର୍ଘ ୪ଦିନ ସମୟ ଲାଗିଥିଲା ବେଳେ ଗତବର୍ଷ ମଧ୍ୟ ଏହିଭଳି ବିଭ୍ରାଟ ଦେଖା ଯାଇଥିଲା।

---

## ବିଭିନ୍ନ ସ୍ଥାନରେ ବନ ମହୋତ୍ସବ

# ବ୍ୟାପକ ବୃକ୍ଷରୋପଣ ଜୀବଜଗତର ରକ୍ଷାକବଚ









**ପଟ୍ଟାମୁଣ୍ଡାଇ,୭।୭(ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ପ୍ରଶାସନ ଓ ମିଶନ ଶକ୍ତି ପକ୍ଷରୁ ୭୫ତମ ବନ ମହୋତ୍ସବ ଅବସରରେ ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟଙ୍କ ପୌରହିତ୍ୟରେ ଆୟୋଜିତ ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଜଳବାୟୁ ପରିବର୍ତ୍ତନ ଯୋଗୁ ମାଟିତଳେ ମିଠା ପାଣିର ସଂକଟ ଦେଖାଦେବା ସହିତ ପରିବେଶ ପ୍ରଦୂଷଣ ବୃଦ୍ଧି ପାଇଛି, ଯାହାକି ଜୀବ ଜଗତ ପାଇଁ ବିପଦ ସୃଷ୍ଟି କରିଛି। କେବଳ ବହୁଳ ସଂଖ୍ୟାରେ ବୃକ୍ଷରୋପଣ ହିଁ ଏ ଗୁରୁତର ସମସ୍ୟାର ସମାଧାନ କରିପାରିବ ଓ ଜୀବଜବତର ରକ୍ଷାକବଚ ହେବ ବୋଲି ମତପ୍ରକାଶ କରିଥିଲେ। ମିଶନଶକ୍ତି ମାଆମାନେ ପ୍ରତ୍ୟେକ ୫ଟି ଲେଖାଏ



ଗଛ ଲଗାଇବାକୁ ପରାମର୍ଶ ଦେଇଥିଲେ। କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଜଳ ହିଁ ଜୀବନ ପରି ସମ୍ପ୍ରତି ବୃକ୍ଷ ହିଁ ଜୀବନ ହୋଇଛି ବୋଲି କହିଥିଲେ। ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ ଓ ଜିଲ୍ଲା ପରିଷଦ ସଦସ୍ୟା ପ୍ରିୟଦର୍ଶନୀ ତରାଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉତ୍ସବରେ ଅଙ୍ଗନବାଡି ପରିଦର୍ଶିକା ତୁଳସୀ ଦାସ, ମିଶନଶକ୍ତି ସଂଯୋଜିକା ସୁଶ୍ରୀ ସଂଗୀତା ଭୂୟାଁ, ସୁମିତ୍ରା ବିଶ୍ୱାଳ, ସରପଞ୍ଚ ସନ୍ତୋଷ ସେଠୀ, ଜ୍ଞାନେନ୍ଦ୍ର ଖଣ୍ଡାୟୀ, ଲକ୍ଷ୍ମୀପ୍ରିୟା ଷଡଙ୍ଗୀ, ଦେବେନ୍ଦ୍ର ନାୟକ, ବନୋଜ ସେଠୀ, ପ୍ରିୟବ୍ରତ ଓଝା, ସମିତିସଭ୍ୟ ଅଭୟ ସ୍ୱାଇଁ, ଶଶାଙ୍କ ଶେଖର ବିଶ୍ୱାଳ, ରାମଚନ୍ଦ୍ର ସେଠୀ, ନିରଞ୍ଜନ ବାରିକ, ପୂର୍ବତନ ସରପଞ୍ଚ ପ୍ରଭାତ ପ୍ରଧାନ, ମିନତୀ ପାତ୍ର, ସୁବାସ ଖୁଣ୍ଟିଆ, କଳାକାର ପ୍ରଧାନ, ଯୁବନେତା ସଂଗ୍ରାମ ସ୍ୱାଇଁ ଉତ୍ତମ ଖୁଣ୍ଟିଆ, ଶଶିକାନ୍ତ ପଣ୍ଡା, ପ୍ରେମାନନ୍ଦ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ରାଜନଗର ଓ କେନ୍ଦ୍ରାପଡ଼ା ବିଧାୟକ ଏବଂ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପଟ୍ଟାମୁଣ୍ଡାଇ ବ୍ଲକ ମିଶନଶକ୍ତି ଗୃହ ସମ୍ମୁଖରେ ବୃକ୍ଷ ରୋପଣ କରିବା ସହିତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନଙ୍କୁ ୧ହଜାର ଚାରା ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମକୁ ପଟ୍ଟାମୁଣ୍ଡାଇ ବ୍ଲକ ମିଶନଶକ୍ତି ମହାସଂଘ ସଭାନେତ୍ରୀ ସୁପ୍ରଭା ଦାସ ଓ ସମ୍ପାଦିକା ନିର୍ମଳା ନନ୍ଦ ପରିଚାଳନା କରିଥିଲେ। ପଟ୍ଟାମୁଣ୍ଡାଇ ବ୍ଲକର ୩୧ ପଞ୍ଚାୟତରେ ପ୍ରତି ପଞ୍ଚାୟତକୁ ୧ ହଜାର ଚାରା ବଣ୍ଟନ ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

### ତାଲୁକ ଆଇନ ସେବା

**ରାଜକନିକା:** ସପ୍ତାହେ ବ୍ୟାପୀ ଜାରି ରହିଥିବା ବନ ମହୋତ୍ସବର ଶେଷ ଦିନରେ ଆଜି ଜେଏମଏଫସିର ତାଲୁକ ଆଇନ ସେବା ଓ ରାଜନଗର ବନ୍ୟପ୍ରାଣୀ ବନଖଣ୍ଡର ମିଳିତ ପ୍ରୟାସରେ ଆଜି କୋର୍ଟ ପରିସରରେ ବନୀକରଣ କରାଯାଇଛି। ଆଜି କୋର୍ଟର ବିଚାରପତି ଦେବାନ ସତ୍ୟଦର୍ଶୀ ନନ୍ଦଙ୍କ ସମେତ ଆଳି ବାର୍ ଆସୋସିଏସନର କର୍ମକର୍ତ୍ତାମାନେ କୋର୍ଟ ପରିସରରେ ଗଛ ଲଗାଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜନଗର ବନ୍ୟପ୍ରାଣୀ ବିଭାଗର କର୍ମଚାରୀ ସହଯୋଗ କରିଥିଲେ।

### ବୀର ହନୁମାନଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

**କେନ୍ଦ୍ରାପଡା:** କେନ୍ଦ୍ରାପଡା ବ୍ଲକ ବୀର ହନୁମାନଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମୁଦ୍ ତରଫରୁ ନିକିରାଇ କଲେଜର ଉପାଧ୍ୟକ୍ଷ ଡଃ ହେମନ୍ତ ପରିଡାଙ୍କ ଅଧ୍ୟକ୍ଷତାରେ ବନ



ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ଇକୋ କ୍ଲବର ମାଷ୍ଟର ଟ୍ରେନର ପରିବେଶବିତ୍ ଗୋପୀନାଥ ଦାଶ ଯୋଗଦେଇ ପରିବେଶ ସୁରକ୍ଷା ନକଲେ ଜୀବ ଓ ଉଦ୍ଭିଦ ଜଗତ ବଞ୍ଚି ରହିପାରିବ ନାହିଁ ବୋଲି ବକ୍ତବ୍ୟରେ କହିଥିଲେ। ମୁଖ୍ୟବକ୍ତା ଭାବରେ ଜାତୀୟ ସବୁଜ ବାହିନୀର ମାଷ୍ଟର ଟ୍ରେନର ପ୍ରକୃତିବନ୍ଧି ଦ୍ୱାରିକାନାଥ ସେନାପତି ଯୋଗଦେଇ କହିଥିଲେ କାନାଡାରେ ମୁଣ୍ଡପିଛା ୧୦ହଜାର ୧୩୭ଟି ଗଛ ଥିବାବେଳେ ଭାରତରେ ସବୁଠାରୁ ନିମ୍ନରେ ମୁଣ୍ଡପିଛା ୨୮ ଗଛ ଅଛି। ଚୀନ୍‌ରେ ମୁଣ୍ଡପିଛା ୧୩୦ଟି ଗଛ ଥିବାବେଳେ ଅଷ୍ଟ୍ରେଲିଆରେ ୩୨୬୬ଟି ମୁଣ୍ଡପିଛା ଗଛ ରହିଛି। ତେଣୁ ଭାରତରେ ପ୍ରାକୃତିକ ବିପର୍ଯ୍ୟୟ ସବୁବେଳେ ଲାଗିରହିଛି। ବ୍ୟାପକ ବୃକ୍ଷରୋପଣ ନକଲେ ପରିବେଶକୁ ସନ୍ତୁଳିତ କରାଯାଇପାରିବ ନାହିଁ। ଏହି ଅବସରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମୁଦ୍‌ର ସଭାପତି ତଥା ପ୍ରକୃତିବନ୍ଧୁ ଶୁଭ୍ରାଂଶୁ କୁମାର ଦାସ, ସମ୍ପାଦକ କୃଳମଣୀ ଗୋଛାୟତ, ଅଧ୍ୟାପକ ଡଃ ପ୍ରଶାନ୍ତ ଜେନା, ଅଧ୍ୟାପକ ଡଃ ହିମାଂଶୁ ପରିଡା, ଶିକ୍ଷାବିତ୍ ରଘୁନାଥ ରାଉତ, ସର୍ବେଶ୍ୱର ଦାସ, ଗଙ୍ଗାଧର ଗୋଛାୟତ, ମନୋଜ କୁମାର ଦାସ ଓ ଭବାନୀ ଶଙ୍କର ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ଏଥିରେ କଲେଜର ଶତାଧିକ ଛାତ୍ରଛାତ୍ରୀ ଓ ଅତିଥିମାନେ ମିଳିତ ହୋଇ ଦୁଇଶହରୁ ଅଧିକ ଚାରା କଲେଜ ପରିସରରେ ରୋପଣ କରିଥିଲେ। ସ୍ଥାନୀୟ ୮୫ବର୍ଷ ବୟସ୍କ ଧନେଶ୍ୱର ବାରିକ ଏବଂ ବାନାମ୍ବର ଦାସଙ୍କୁ ତାଙ୍କର ପରିବେଶ ପ୍ରତି ଥିବା ଅତୁଳନୀୟ ଅବଦାନ ପାଇଁ ପ୍ରକୃତିପ୍ରେମୀ ଉପାଧିରେ ବିଭୂଷିତ କରାଯାଇ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା।

### ସାଥିସମାଜ ପରିସର

**ଡେରାବିଶ:** ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ସବଳଙ୍ଗ ସ୍ଥିତ ଜୟଭାରତୀ ସାଥୀ ସମାଜ ପରିସରରେ ଥିବା ବଳଦେବଜୀଉ ବନ ପ୍ରକଳ୍ପରେ ଆଜି ଡେରାବିଶ ବ୍ଲକସ୍ତରୀୟ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ



(ଡିପିସି) କୈଳାସ ଚନ୍ଦ୍ର ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ସମ୍ମାନିତ ଅତିଥିଭାବେ ଡେରାବିଶ ବ୍ଲକ ଅଧ୍ୟକ୍ଷା ପ୍ରଭାତି ମଲିକ, ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ସିଡ଼ିପିଓ ସ୍ନେହଲତା ସାହୁ, ବିପିଏମ୍ ହିମାଂଶୁ ଶେଖର ଭଦ୍ର, ବ୍ଲକ ମିଶନ ଶକ୍ତି ଆକାଉଣ୍ଟାଣ୍ଟ ନିବେଦିତା ଦାଶ, ବିଏଲ୍‌ସି ସରିତା ସାହୁ, ସାଥୀ ସମାଜର ଉପସଭାପତି ପ୍ରତାପ ଚନ୍ଦ୍ର ମହାପାତ୍ର, ପ୍ରତିଷ୍ଠାତା ସମ୍ପାଦକ ନିରଞ୍ଜନ ସାହୁ ଯୋଗଦେଇ ବୃକ୍ଷରୋପଣ ଓ ତାହାର ପରବର୍ତ୍ତୀ ରକ୍ଷଣାବେକ୍ଷଣ ପୃଥିବୀବାସୀଙ୍କ ପାଇଁ ଏକ ବଡ଼ ଆହ୍ୱାନ ବୋଲି କହିଥିଲେ। ଏହି ଅବସରରେ ଅତିଥିମାନେ ବଳଦେବଜୀଉ ବନ ପ୍ରକଳ୍ପ ପରିସରରେ ଚାରାରୋପଣ କରିବା ପରେ ଉପସ୍ଥିତ ଥିବା ୩୦୦ରୁ ଉର୍ଦ୍ଧ୍ୱ ମହିଳାମାନେ ଚାରାରୋପଣ କରିଥିଲେ। କାର୍ଯ୍ୟକ୍ରମକୁ ସାଥି ସମାଜର ସମ୍ପାଦିକା ତଥା ବ୍ଲକ ମିଶନଶକ୍ତିର ସମ୍ପାଦିକା ମନୋରମା ରାଉତ, ଲିନୁ ବେହେରା, ବ୍ଲକ ଅନ୍ତର୍ଗତ ସମସ୍ତ ପଞ୍ଚାୟତର ଏମ୍‌ବିକେ, ଚାନ୍ଦୋଳ ପଲେଇ ପଞ୍ଚାୟତର ସିଆରପି ଏବଂ ଚାନ୍ଦୋଳ, ବାଲିଆ ଓ ପଲେଇ ପଞ୍ଚାୟତର ଏସଏଚଜିର ସଭ୍ୟାମାନେ ପରିଚାଳନା କରିଥିଲେ।

### ଇଚ୍ଛାପୁର ସରକାରୀ ଉଚ୍ଚ ବିଦ୍ୟାଳୟ

**କେନ୍ଦ୍ରାପଡ଼ା:** କେନ୍ଦ୍ରାପଡା ବ୍ଲକ ଇଚ୍ଛାପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ ସପ୍ତାହ ପାଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ପ୍ରଧାନ ଶିକ୍ଷୟିତ୍ରୀ ବୀଣାପାଣି ଦାଶଙ୍କ ତତ୍ତ୍ୱାବଧାନରେ ନିକଟସ୍ଥ ମଧୁସାଗର ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ସୁଧିର ରଞ୍ଜନ ବାରିକ ସମ୍ମାନୀତ ଅତିଥି ରୂପେ ଯୋଗ ଦେଇ ବିଦ୍ୟାଳୟର ୟୁଥ୍ ଆଣ୍ଡ ଇକୋ କ୍ଲବ ଓ ଲିଗାଲ ଲିଟେରାସି ଓ କ୍ଲବର ଗାଇଡ୍ ଶିକ୍ଷକ ରଶ୍ମିରଞ୍ଜନ ପ୍ରଧାନ ଓ ନିର୍ମଳ କୁମାର ସାହୁ ଏବଂ ଛାତ୍ରଛାତ୍ରୀମାନଙ୍କ ସହିତ ବିଦ୍ୟାଳୟ ପରିସର ଓ ନିକଟସ୍ଥ ମୁଖ୍ୟରାସ୍ତାର ପାଶ୍ୱର୍ରେ ଚାରାରୋପଣ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷୟତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।

### ମନ୍ମଥନାଥ ଉଚ୍ଚ ବିଦ୍ୟାଳୟ

**ପଟ୍ଟାମୁଣ୍ଡାଇ:** ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଞ୍ଚଳର ସର୍ବପୁରାତନ ଶିକ୍ଷା ଅନୁଷ୍ଠାନ ମନ୍ମଥନାଥ ଉଚ୍ଚ ବିଦ୍ୟାଳୟରେ ମା' ପାଇଁ ସମସ୍ତେ ଗୋଟେ ଗୋଟେ ଗଛ ନିଜ ବାଡ଼ିରେ ଲଗାଇବାକୁ ଶପଥ ନେଇଥିଲେ। ସର୍ବପ୍ରଥମେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ସିଂଙ୍କ ନେତୃତ୍ୱରେ ଏକ ବନ ମହୋତ୍ସବ ସଚେତନତା ପଦଯାତ୍ରା ବଜାର ଅଭିମୁଖେ ଆରମ୍ଭ ହୋଇଥିଲା। ଏଥିରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ , ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ଛାତ୍ରଛାତ୍ରୀ, ସ୍କାଉଟ ଓ ଗାଇଡ଼, ରେଡ଼କ୍ରସ, ଇକୋ କ୍ଲବ, ୟୁଥ ଆଣ୍ଡ ଇକୋ କ୍ଲବ, ଶକ୍ତି ସଂରକ୍ଷଣ କ୍ଲବର



ସଦ୍ୟସମାନେ ଓ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ବଜାର ପରିକ୍ରମା ପରେ ଏନସିସି ଶିକ୍ଷକ ସରୋଜ କୁମାର ସ୍ୱାଇଁଙ୍କ ଦ୍ୱାରା ସଂସାରଫଳ ସରକାରୀ ନର୍ସରୀରୁ ସଂଗୃହୀତ ୩୫ଟି ଚାରାକୁ ଇକୋ କ୍ଲବ ଶିକ୍ଷକ ତାପସ ବେହେରା ଓ ଖେଳ ଶିକ୍ଷକ ଶଶାଙ୍କ ଶେଖର ସାହୁ, ଅନିଲ କୁମାର ଦାସ, ବରିଷ୍ଠ ଶିକ୍ଷକ ଅଶୋକ କୁମାର ଦାସ, ଅନିତା ଧଳ, ଶିବଶଙ୍କର ବାରିକ, ସ୍ୱର୍ଣ୍ଣମୟୀ ନାୟକ, ଗୋମତି ସ୍ୱାଇଁ ପ୍ରମୁଖଙ୍କ ନେତୃତ୍ୱରେ ପିଲାମାନଙ୍କ ଦ୍ୱାରା ଲଗା ଯାଇଥିଲା।

### ଉତ୍କଳମଣି ଯୁବକ ସଂଘ

**ପଟ୍ଟାମୁଣ୍ଡାଇ:** ପଟ୍ଟାମୁଣ୍ଡାଇ ବ୍ଲକ୍‌ର ସ୍ୱେଚ୍ଛାସେବୀ ସଂଗଠନ ଉତ୍କଳମଣି ଯୁବକ ସଂଘ ତରଫରୁ ୭୫ ତମ ବନମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ସଙ୍ଗଠନର ଅଧ୍ୟକ୍ଷ ଗୌତମ ବେହେରାଙ୍କ ସଭାପତିତ୍ୱରେ ବିଭିନ୍ନ ପ୍ରକାରର ଚାରା ରୋପଣ କରାଯାଇଛି। ସଂଗଠନ ସଦସ୍ୟମାନଙ୍କ ମଧ୍ୟରେ ବୈଷ୍ଣବ ବେହେରା, ଶାନ୍ତନୁ ବେହେରା, ଜ୍ଞାନଜ୍ୟୋତି ବାରିକ୍, ଅନନ୍ତ ବେହେରା, ଶିବୁ ବେହେରା, କିଶୋର ଓ ବର୍ଣ୍ଣି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ନାମାଚାର୍ଯ୍ୟ ଶ୍ରୀମଦ୍ ବାୟାବାବାଙ୍କ ପୀଠ

**ରାଜନଗର:** ରାଜନଗର ବ୍ଲକ କେରେଡାଗଡସ୍ଥିତ ନାମାଚାର୍ଯ୍ୟ ଶ୍ରୀମଦ୍ ବାୟାବାବାଙ୍କ ଜନ୍ମପୀଠରେ ୭୫ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ସିଭିଲ ଜଜ କୋର୍ଟର ତାଲୁକା ଲିଗାଲ ସେବା କମିଟି ତରଫରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସିଭିଲ ଜଜ ସୁଶ୍ରୀ ସଂଗୀତା ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ବାର ଆସୋସିଏସନର ଉପସଭାପତି ଆଇନଜୀବୀ ସୁରେଶ କୁମାର ନରେନ୍ଦ୍ର ସଂଯୋଜନା କରିଥିଲେ। ଏଥିରେ ପଟ୍ଟାମୁଣ୍ଡାଇ ସିଭିଲ ଜଜ ବିଦ୍ୟୁତ୍‌ଲତା ପ୍ରଧାନ, ଜେଏମ୍‌ଏଫ୍‌ସି ଡି. କେ. ବାଲକ୍ରିଷ୍ଣ, ରାଜନଗର ଜେଏମ୍‌ଏଫ୍‌ସି ଶିବାନୀ ମିଶ୍ର ପ୍ରମୁଖ ଯୋଗଦେଇ ବନମହୋତ୍ସବର ତାତ୍ପର୍ଯ୍ୟ ସହିତ ବିଶ୍ୱ ତାପନ ଓ ଜଳବାୟୁ ପ୍ରଭାବ କିପରି ପରିବେଶ ପାଇଁ ଭୟାବହତା ଆଣି ଦେଇଛି ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ବାର୍ ଆସୋସିଏସନର ଅର୍ଥ ସଚିବ ଧିରେନ୍ଦ୍ର ନାଥ ସାହୁ, ଭବାନୀ ଶଙ୍କର ପଣ୍ଡା, ବାୟାବାବା ଆଶ୍ରମର କପିଳେନ୍ଦ୍ର ଦାସ, ପ୍ରଦୀପ କୁମାର ବିଶ୍ୱାଳ, ଅନନ୍ତ ଚରଣ ରାଉତ, ନଟବର ରାଉତ, ବେଣୁଧର ବଳ, ସୁରଥ ବିଶ୍ୱାସ, ରାଧାକୃଷ୍ଣ ପାତ୍ର, ଘନଶ୍ୟାମ ସାହୁ, ସଦାଶିବ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମାନ୍ୟବର ନ୍ୟାୟାଧିଶ ଓ ଅତିଥିମାନେ ୧୨୦ଟି ଚାରା ଆଶ୍ରମ ପରିସରରେ ଲଗାଇଥିଲେ। ଶେଷରେ ସଂଘର ସଭାପତି ବ୍ରହ୍ମାନନ୍ଦ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

